

ଟିପ୍ପଣୀ

# ଏକକ -୭ : ଶିକ୍ଷାଦାନ ଶିକ୍ଷଣ କୌଶଳ

ସଂରଚନା


୭.୦ : ଉପକ୍ରମ

୭.୧ : ଶିକ୍ଷଣ ଉଦ୍ଦେଶ୍ୟ

୭.୨ : ଶିକ୍ଷାର୍ଥୀ-କୈନ୍ଦ୍ରିକ ସାମାଜିକ ବିଜ୍ଞାନ ଶ୍ରେଣୀର ପ୍ରତ୍ୟାଶିତ ସାଧାରଣ ବୈଶିଷ୍ଟ୍ୟ ସମୂହ

୭.୩ : ଗୋଟିଏ କୌଶଳ ଚୟନ ନିର୍ଦ୍ଧାରଣ କରୁଥିବା ଉପାଦାନ ସମୂହ

୭.୪ : ଶିକ୍ଷାଦାନ-ଶିକ୍ଷଣ କୌଶଳ ସମୂହ

୭.୫ : ସାରାଂଶ

୭.୬ : ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୭.୭ : ପାଠାନ୍ତ ପ୍ରଶ୍ନାବଳୀ


## ୭.୦ ଉପକ୍ରମ

ଆମେ ଜାଣିଛେ ଉଚ୍ଚ ପ୍ରଥମିକ ସ୍ତରରେ ସାମାଜିକ ବିଜ୍ଞାନ ହେଉଛି ଏକ ବିଦ୍ୟାଳୟ ଅନ୍ତର୍ଗତ ବିଷୟ ଓ ସମାଜର ବିଭିନ୍ନ ଦିଗ/ବିଷୟକୁ ଏହା ଘେରି ରହିଛି ଏବଂ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ସମାଜ ବିଜ୍ଞାନ ଓ ନୃତତ୍ତ୍ୱ ଇତ୍ୟାଦି ବିଷୟବସ୍ତୁରୁ ଆସିଥିବା ଏକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ କରିଥାଏ । ଏକ ନ୍ୟାର୍ଯ୍ୟ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନରେ ସାମଜିକ ବିଜ୍ଞାନ ଅନ୍ତର୍ଭୁକ୍ତ ଜ୍ଞାନ ଅପରିହାର୍ଯ୍ୟ ଅଟେ । ଆମ ଭଳି ଏକ ବହୁତତ୍ତ୍ୱ ବିଶିଷ୍ଟ ସମାଜରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ସବୁଧର୍ମ ଓ ସାମାଜିକ ଦଳ/ଗୋଷ୍ଠୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକକୁ ସଂପର୍କିତ କରିବାରେ ସକ୍ଷମ ଅଟନ୍ତି ।

ଜାତୀୟ ପାଠ୍ୟକ୍ରମ ଆଧାର, ୨୦୦୫ ଅନୁସାରେ ବିଷୟବସ୍ତୁଗୁଡ଼ିକ ସ୍ଥାନୀୟ ସମ୍ବଳ ବ୍ୟବହୃତ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ପରିଚାଳନା କରାଯିବା ଉଚିତ୍ ।

ସାମାଜିକ ବିଜ୍ଞାନ ଶିକ୍ଷାଦାନ ଶିକ୍ଷାର୍ଥୀ ମଧ୍ୟରେ ଏକ ବଳିଷ୍ଠ ମାନବୀୟ ମୂଲ୍ୟବୋଧର ଧାରଣା ସୃଷ୍ଟି କରେ ଯଥା ସ୍ୱାଧୀନତା, ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନବୋଧ ଏବଂ ବିବିଧତା ପ୍ରତି ସମ୍ମାନ । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନିର୍ଣ୍ଣାୟକ ମୂଲ୍ୟବୋଧ ଓ ମାନସିକ ଶକ୍ତିର ବିକାଶ କରିବା ସାମାଜିକ ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ ହେବା ଉଚିତ୍ ଯାହା ଉପରୋକ୍ତ ଗୁଣାବଳୀକୁ ବିରୋଧ କରୁଥିବା ସାମାଜିକ ଶକ୍ତିଗୁଡ଼ିକ ବିଷୟରେ ଏହା ସଚେତନ କରିଥାଏ ।

ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ଭିତ୍ତିକ ପରିବେଶରେ ସାମାଜିକ ବିଜ୍ଞାନ ଶିକ୍ଷାଦାନ ପରିଚାଳିତ ହେବା ଆବଶ୍ୟକ ଯାହା ଫଳରେ ଏହା ଶିକ୍ଷାର୍ଥୀକୁ ଜ୍ଞାନ, ଆବଶ୍ୟକୀୟ କୌଶଳ ଓ ମନୋବୃତ୍ତି ଆହୋରଣରେ ସାହାଯ୍ୟ କରେ । ସମାଜ ବିଜ୍ଞାନ ଶିକ୍ଷାଦାନ ନିମିତ୍ତ ଶିକ୍ଷଣ ତତ୍ତ୍ୱ ଓ ସମ୍ବଳର ପନ୍ଥାଗୁଡିକର ଆଲୋଚନା କରିବା ବେଳେ ଏନ.ସି.ଏଫ୍ ୨୦୦୫ ସେହି ପଦ୍ଧତିଗୁଡିକ ଉପରେ ଯୋର ଦିଏ ଯାହା ସୃଜନଶୀଳତା, ସୌନ୍ଦର୍ଯ୍ୟବୋଧ ଓ ଦୂରଦୃଷ୍ଟିକୁ ବିକଶିତ କରେ । ସମସ୍ୟା ସମାଧାନ, ଅଭିନୟ ଓ ଭୂମିକା ଅଭିନୟ ଓ ଦୃଶ୍ୟଶ୍ରାବ୍ୟ ଉପକରଣର ସର୍ବାଧିକ ବ୍ୟବହାର ଯଥା - ଫଟୋଚିତ୍ର, ଚାର୍ଟ, ମାନଚିତ୍ର, ପ୍ରତ୍ନତାତ୍ତ୍ୱିକ ଓ ସ୍ଥାପତ୍ୟର ପ୍ରତିରୂପ ଆଦିକୁ ଶିକ୍ଷଣ ଓ ଶିକ୍ଷାଦାନ ପ୍ରଣାଳୀରେ ବ୍ୟବହାର କରିବାକୁ ସୁପାରିଶ୍ କରିଥାଏ ।

ଅନ୍ୟଶ୍ରେଣୀ ଭଳି ସାମାଜିକ ବିଜ୍ଞାନ ଶ୍ରେଣୀର ମଧ୍ୟ ଶିକ୍ଷାର୍ଥୀମାନଙ୍କର ବିବିଧ ଆବଶ୍ୟକତା ରହିଛି । ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାରର ଓ ପରିମାଣର - ଭିନ୍ନକ୍ଷମ ବିଭିନ୍ନ ସାମାଜିକ-ସାଂସ୍କୃତିକ ଗୋଷ୍ଠୀ ବା ସ୍ଥାନୀୟ ଘଟଣା ଆଧାରରେ ନିମ୍ନ ଉପଲବ୍ଧି ସ୍ତରର ହୋଇପାରନ୍ତି । ସଂଖ୍ୟାଲଘୁ, ପ୍ରତିଭାଶାଳୀ ଯେହେତୁ ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କର ଗୁଣାତ୍ମକ

ଟିପ୍ପଣୀ

ଶିକ୍ଷା ପ୍ରାପ୍ତ କରିବାର ଅଧିକାର ଅଛି, ଏହି ଭିନ୍ନତା ପ୍ରତି ସମ୍ମାନ ରଖିବା ଏବଂ ପ୍ରତି ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁସାରେ ସାମାଜିକ ବିଜ୍ଞାନରେ ଗୁଣାତ୍ମକ ଶିକ୍ଷାଦାନରେ ପ୍ରୟାସ କରିବା ପ୍ରତ୍ୟେକ ଶିକ୍ଷକଙ୍କର ଦାୟିତ୍ୱ ଅଟେ । ବିଶେଷତଃ ଭିନ୍ନତା ନିର୍ବିଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀ ଶିକ୍ଷକଙ୍କ ଦ୍ୱାରା ଯତ୍ନ ନିଆଯିବା ଅନୁଭବ କରିବା ଉଚିତ୍ । ତେଣୁ ଶିକ୍ଷକ ସାମାଜିକ ବିଜ୍ଞାନ ଶ୍ରେଣୀରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଯତ୍ନ ନେବା ପାଇଁ ଏକ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ଉଚିତ୍ ।

## ୭.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢିସାରିବା ତୁମେ

- ଏକ ଶିକ୍ଷାର୍ଥୀକୈନ୍ଦ୍ରିକ ସାମାଜିକ ବିଜ୍ଞାନ ଶ୍ରେଣୀର ବୈଶିଷ୍ଟ୍ୟ ସମୂହକୁ ବର୍ଣ୍ଣନା କରିପାରିବ ।
- ଏକ କୌଶଳର ଚୟନକୁ ପ୍ରଭାବିତ କରୁଥିବା ଉପାଦାନଗୁଡିକୁ ଚିହ୍ନଟ କରିପାରିବ ।
- ଦିଆଯାଇଥିବା ଶିକ୍ଷାଦାନ ଏକ ଏକକର ପାଇଁ ଉପଲବ୍ଧ ଗୋଷ୍ଠୀ ସମ୍ବଳଗୁଡିକୁ ଚିହ୍ନଟ କରିପାରିବ ।
- ଏକ ନିର୍ବାଚିତ ପ୍ରସଙ୍ଗକୁ ପଢାଇବା ପାଇଁ ବ୍ୟବହାର କରିବାକୁ ଥିବା ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀଗୁଡିକର ତାଲିକା କରିପାରିବ ।
- ଭୂମିକା ଅଭିନୟର ଲକ୍ଷଣ ବର୍ଣ୍ଣନା କରିପାରିବ ।
- ପ୍ରକଳ୍ପ ପଦ୍ଧତିର ଉପକାରିତାଗୁଡ଼ିକ ଚିହ୍ନଟ କରିପାରିବ ।
- ଏକ ନିର୍ବାଚିତ ପ୍ରସଙ୍ଗ ଉପରେ ଗୋଟିଏ ପ୍ରକଳ୍ପ ପାଇଁ ଯୋଜନାଟିଏ ଲେଖିପାରିବ ।
- ଅଭିନୟରେ ଶିକ୍ଷକଙ୍କ ଭୂମିକା ବର୍ଣ୍ଣନା କରିପାରିବ ।
- ପ୍ରତ୍ୟୟ ଚିତ୍ରଣର ଲକ୍ଷଣଗୁଡିକୁ ବିଶ୍ଳେଷଣ କରିପାରିବ ।
- ନିର୍ଣ୍ଣାୟକ ଶିକ୍ଷା-ବିଜ୍ଞାନ ବ୍ୟବହାର କରି ଏକ ଯୋଜନା ଲେଖିପାରିବ ।
- ସମସ୍ୟା ସମାଧାନରେ ସୋପାନଗୁଡିକୁ ବର୍ଣ୍ଣନା କରିବା ।
- ପ୍ରଦତ୍ତ ପ୍ରସଙ୍ଗ ନିମିତ୍ତ ଅନୁଭୂତିମୂଳକ ଶିକ୍ଷଣ ପାଇଁ ଆବଶ୍ୟକତାର ଯଥାର୍ଥତା ପ୍ରତିପାଦନ କରିପାରିବ ।
- କାହାଣୀ ବର୍ଣ୍ଣନା ମାଧ୍ୟମରେ ପଢା ପାଇପାରିବା ପ୍ରସଙ୍ଗ ବା ତାର ବିଭିନ୍ନ ଅଂଶଗୁଡ଼ିକୁ ଚିହ୍ନଟ କରିପାରିବ ।
- ଗଳ୍ପକଥନ ପଦ୍ଧତି ମାଧ୍ୟମରେ ବିଷୟବସ୍ତୁର ବର୍ଣ୍ଣନା କରିପାରିବ ।
- କ୍ଷେତ୍ର ପରିଭ୍ରମଣ ସଂଗଠନର ଆବଶ୍ୟକତା ବର୍ଣ୍ଣନା କରିପାରିବ ।
- ଆଲୋଚନା ପଦ୍ଧତିରେ ଶିକ୍ଷାର୍ଥୀଙ୍କ ଭୂମିକା ବର୍ଣ୍ଣନା କରିପାରିବ ।
- ଶିକ୍ଷାର୍ଥୀଙ୍କ ମଧ୍ୟରେ ମାନଚିତ୍ର ଅଧ୍ୟୟନ ଓ ମାନଚିତ୍ରରୁ ଅନୁମାନ କରିବାର କୌଶଳକୁ ବିକାଶ କରିବାର ପଦ୍ଧତିକୁ ବର୍ଣ୍ଣନା କରିପାରିବ ।

## ୭.୨ ଶିକ୍ଷାର୍ଥୀକୈନ୍ଦ୍ରିକ ସାମାଜିକ ବିଜ୍ଞାନ ଶ୍ରେଣୀର ସାଧାରଣ ବୈଶିଷ୍ଟ୍ୟ ସମୂହ

ସାମାଜିକ ବିକାଶ ଶିକ୍ଷାଦାନରେ ଶ୍ରେଣୀକୁ ଆଗ୍ରହମୂଳକ କରିବା ହେଉଛି ଶିକ୍ଷକଙ୍କର ଦାୟିତ୍ୱ । ଏହା ସମ୍ଭବ ଯେତେବେଳେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ କ୍ରୀୟାଶୀଳ ଭାବେ ଅଂଶଗ୍ରହଣ କରନ୍ତି । ସାମାଜିକ ବିଜ୍ଞାନ ଶ୍ରେଣୀର ଆଶା କରାଯାଉଥିବା ସାଧାରଣ ଲକ୍ଷଣଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

(କ) ଶିକ୍ଷାର୍ଥୀମାନଙ୍କ ଅନୁଭୁତିର ବ୍ୟବହାର କରିବା

ପ୍ରତ୍ୟେକ ଶିକ୍ଷାର୍ଥୀ ସମାଜର ଜଣେ ସଦସ୍ୟ ଏବଂ ନିଜ ପରିବେଶରେ କ୍ରିୟାଶୀଳ ଭାବରେ ସକ୍ରିୟ ଅଂଶଗ୍ରହଣ କରେ । ଶିକ୍ଷାର୍ଥୀମାନଙ୍କ ଅନୁଭୂତି ଶିକ୍ଷାଦାନ ପାଇଁ ଏକ ଉତ୍କୃଷ୍ଟ ସମ୍ବଳ ଅଟେ । ଶିକ୍ଷାର୍ଥୀମାନେ ନିଜକୁ ଅଭିବ୍ୟକ୍ତ କରିବା ସହିତ ଶ୍ରେଣୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ଅନୁଭୂତିର ବ୍ୟବହାର ଏକ



ଟିପ୍ପଣୀ

ସୁଯୋଗ ପ୍ରଦାନ କରିଥାଏ ।

ଉଦାହରଣ :- ତୁମେ ଯେତେବେଳେ କୃଷିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟା ପଢାଇଥାଅ, ତୁମେ ପ୍ରଶ୍ନ କରିପାର, ଏହି ପ୍ରକ୍ରିୟା କିଏ ଦେଖିଛ ବର୍ଣ୍ଣନା କର ?

**ଖ) ପାଠ୍ୟପୁସ୍ତକ ବାହାରକୁ ଯିବା**

ଜଣେ କୁଶଳୀ ଶିକ୍ଷକ ସଦାବେଳେ ବିଷୟବସ୍ତୁକୁ ଶିକ୍ଷାର୍ଥୀର ଜଣାଶୁଣା ପରିବେଶ ସହ ଯୋଡ଼ିଥାଏ । ଏହା ବିଷୟବସ୍ତୁ ବୁଝିବାରେ ସହଜ ହୋଇଥାଏ ।

ଉଦାହରଣ :- ତୁମେ ଯେତେବେଳେ ଭାରତର ସ୍ୱାଧିନତା ସଂଗ୍ରାମୀମାନଙ୍କ ବିଷୟରେ କହିଥାଅ, ତୁମେ ପିଲାମାନଙ୍କର ଆଞ୍ଚିଳକ/ରାଜ୍ୟର ସ୍ୱାଧିନତା ସଂଗ୍ରାମୀମାନଙ୍କ ବିଷୟରେ ପଚାରିପାର ।

**ଗ) ଗୋଷ୍ଠୀ ସମ୍ବଳର ବ୍ୟବହାର କରିବା**

ଗୋଷ୍ଠୀ ହେଉଛି ଉଭୟ ପ୍ରାକୃତିକ ଓ ମାନବୀୟ ସମ୍ବଳର ଏକ ଭଣ୍ଡାର ଘର । ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ଏକ ଦୃଢ଼ ସମ୍ପର୍କର ଆବଶ୍ୟକତା ରହିଛି । ବିଦ୍ୟାଳୟ କାର୍ଯ୍ୟକ୍ରମରେ ଗୋଷ୍ଠୀର ଅଂଶଗ୍ରହଣ ଦ୍ୱାରା ଏହା ସମ୍ଭବ ହୋଇପାରିବ । ଏହା ଦୁଇପ୍ରକାରରେ କରାଯାଇପାରେ । ପ୍ରଥମତଃ ଶିକ୍ଷାର୍ଥୀମାନଙ୍କୁ ଗୋଷ୍ଠୀକୁ ନେଇ ଏକ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ଏବଂ ଦ୍ୱିତୀୟତଃ ଗୋଷ୍ଠୀକୁ ବିଦ୍ୟାଳୟକୁ ନିମନ୍ତ୍ରିତ କରିବା ।

ଉଦାହରଣ :- ଯେତେବେଳେ ଗୋଷ୍ଠୀ ସଂସ୍କୃତିକ କାର୍ଯ୍ୟକ୍ରମ ସଂଗଠିତ କରନ୍ତି ସେଥିରେ ଶିକ୍ଷାର୍ଥୀ ଅଂଶଗ୍ରହଣ କରିପାରିବେ । ଯଦି ବିଦ୍ୟାଳୟ ଏକ ସ୍ୱାସ୍ଥ୍ୟ ସଂପର୍କିତ ବିଷୟରେ ଆଲୋଚନା ସଂଗଠିତ କରେ ତେବେ ଆଞ୍ଚଳିକ ସ୍ୱାସ୍ଥ୍ୟକର୍ମୀଙ୍କୁ ପିଲାଙ୍କୁ ଉଦବୋଧନ ଦେବା ପାଇଁ ନିମନ୍ତ୍ରଣ କରାଯାଇପାରେ ।

**ଶିକ୍ଷଣ କାର୍ଯ୍ୟ -୧**

ଦୟାକରି ତୁମ ପାଖାପାଖି ଅଞ୍ଚଳରେ ଉପଲବ୍ଧ ସାମାଜିକ ବିଜ୍ଞାନ ଶ୍ରେଣୀର ବ୍ୟବହୃତ ଗୋଷ୍ଠୀ ସମ୍ବଳଗୁଡ଼ିକୁ ଚିହ୍ନଟ କର ଏବଂ ଯେକୌଣସି ଶ୍ରେଣୀର ବିଷୟ ଅନୁଯାୟୀ ସେଗୁଡ଼ିକର ଏକ ତାଲିକା କର ।

......................................................................................................................

......................................................................................................................

......................................................................................................................

**ଘ) ସାମାଜିକ ଘଟଣା ଅନ୍ୱେଷଣ ପାଇଁ ଏକ ସୁଯୋଗ ସୃଷ୍ଟି କରିବା**

ଶିକ୍ଷାର୍ଥୀମାନଙ୍କୁ ସମାଜର ସମସ୍ୟା ଓ ଆହ୍ୱାନଗୁଡିକ ପ୍ରତି ସମ୍ବେଦନଶୀଳ କରାଇବା ସାମାଜିକ ବିଜ୍ଞାନ ଶିକ୍ଷାଦାନର ଏକ ଉଦ୍ଦେଶ୍ୟ ଅଟେ । ଯେପର୍ଯ୍ୟନ୍ତ ଶିକ୍ଷକ ପାଠଟିକୁ ସ୍ଥାନୀୟ ଘଟଣା ସହିତ ନଯୋଡନ୍ତି, ଶିକ୍ଷାର୍ଥୀମାନେ ସେମାନଙ୍କ ସାମାଜିକ ସମସ୍ୟାଟିକୁ ବୁଝିନପାରନ୍ତି । ତେଣୁ ଅନୁସନ୍ଧାନ କରିବାପାଇଁ ସାମାଜିକ ବିଜ୍ଞାନ ଶ୍ରେଣୀରେ ତୁମର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

ଉଦାହରଣ :- ଆମ ଦେଶରେ ବିଭିନ୍ନ କୋଣରେ ଲିଙ୍ଗଗତ ତାରତମ୍ୟ ହେଉଛି ଆଜିକାଲି ଏକ ସାମାଜିକ ଘଟଣା । ଲିଙ୍ଗଗତ ତାରତମ୍ୟକୁ ଜାଣିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ତାଙ୍କ ପଡିଶାରେ ଥିବା ଗୃହକୁ କ୍ଷେତ୍ର ଭ୍ରମଣରେ ନିଆଯାଇପାରିବ । ଲିଙ୍ଗଗତ ତାରତମ୍ୟ ପାଇଁ କେଉଁ ସୂଚନାଗଡ଼ିକ ଆବଶ୍ୟକ ସେଗୁଡିକୁ ସଂଗ୍ରହ କରିବା, କେତୋଟି ଗୃହରୁ, କାହାଠାରୁ ତଥ୍ୟ କିପରି ସଂକଳନ କରିବେ, ସିଦ୍ଧାନ୍ତ କରଣ ଇତ୍ୟାଦି ପାଇଁ ତୁମେ ଶିକ୍ଷାର୍ଥୀମାନଙ୍କ ସହ ଅଧ୍ୟୟନର ଯୋଜନା ପ୍ରସ୍ତୁତ କରିପାରିବ । ଶିକ୍ଷାର୍ଥୀମାନେ ନିଜ ମଧ୍ୟରେ ଆଲୋଚନା କରିବା ପାଇଁ କୁହାଯିବା ଉଚିତ୍ ।

**ଶିକ୍ଷଣ କାର୍ଯ୍ୟ - ୨**

ନିଜ ଅଞ୍ଚଳର ଯେକୌଣସି ଗୋଟିଏ ସାମାଜିକ ଘଟଣା ଚୟନ କର । ଘଟଣା ସମ୍ବନ୍ଧୀୟ ତଥ୍ୟଗୁଡ଼ିକର ଅଧିକ ଅନୁସନ୍ଧାନ ପାଇଁ ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କର ।

ଟିପ୍ପଣୀ

.......................................................................................................................................

.......................................................................................................................................

.......................................................................................................................................

**ଙ) ମାନବୀୟ ଅଧିକାରଗୁଡ଼ିକୁ ସୂଚିତ କରିବା**

ସାମାଜିକ ବିଜ୍ଞାନ ଏକ ବିଷୟ ଯାହା ମାନବୀୟ ଅଧିକାରଗୁଡ଼ିକୁ ସୂଚିତ କରିବା ପାଇଁ ଅଧିକ ସୁଯୋଗ ଅଛି । ଲୋକମାନଙ୍କୁ ସମ୍ମାନ ଦେଉଥିବା ଏକ ସମାଜ ସୃଷ୍ଟି କରିବା ପାଇଁ ଶିକ୍ଷାର୍ଥୀମାନେ ଅଧିକ ସଚେତନ ହେବା ଉଚିତ୍ ।

ଉଦାହରଣ :- ମୌଳିକ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକ ଏକ ମାନବୀୟ ଅଧିକାର ଅଟେ । ରାଷ୍ଟ୍ର ନିର୍ଦ୍ଦେଶକ ନୀତିଗୁଡ଼ିକ ବିଷୟରେ ଆଲୋଚନା କଲାବେଳେ କିଭଳି ମାନବୀୟ ଅଧିକାରଗୁଡ଼ିକରେ ଏହି ନିୟମଗୁଡ଼ିକ ପ୍ରତିଫଳିତ ହୋଇଛି ତୁମେ ଆଲୋଚନା କରିପାରିବ ।

**ଚ) ଜୀବନ କୌଶଳର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା**

ସାମାଜିକ ବିଜ୍ଞାନ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ ନିୟୋଜିତ ହେବା ଦ୍ୱାରା ଶିକ୍ଷକମାନେ ଦେଖିବାକୁ ଆଶା କରିଥାନ୍ତି ଯେ ସେମାନେ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସାମନା କରିବାକୁ କିପରି ସଶକ୍ତ ହୋଇପାରିଛନ୍ତି । ଜୀବନ କୌଶଳଗୁଡ଼ିକ ସେମାନଙ୍କ ମଧ୍ୟରେ ବିକାଶ କରାଇବା ହେଉଛି ସେମାନଙ୍କୁ ସଶକ୍ତ କରାଇବାର ଏକ ଉପାୟ । ଜୀବନ କୌଶଳ ହେଉଛି ଅନୁକୂଳନୀୟ ଓ ସକାରାତ୍ମକ ବ୍ୟବହାର ପାଇଁ ସାମର୍ଥ୍ୟ ଯାହା ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନର ଦାବି ଓ ସମସ୍ୟାଗୁଡ଼ିକୁ ଫଳପ୍ରଦ ଭାବେ ପରିଚାଳନା କରିବାରେ ସମର୍ଥ କରାଏ ।

**ଉଦାହରଣ:-**ଫଳପ୍ରଦ ଯୋଗାଯୋଗ ହେଉଛି ଏକ ଜୀବନ କୌଶଳ । ଚୟନ କରାଯାଇଥିବା ପ୍ରସଙ୍ଗ ଉପରେ କହିବା ପାଇଁ ଶିକ୍ଷାର୍ଥୀକୁ କହିବା, ବିଷୟ ସମ୍ପର୍କିତ ସହ ଶୈକ୍ଷିକ କାର୍ଯ୍ୟାବଳୀ ପରିଚାଳନା କରିବା ପାଇଁ ତୁମେ ସାମାଜିକ ବିଜ୍ଞାନ ଶ୍ରେଣୀରେ ଏକ ସୁଯୋଗ ସୃଷ୍ଟି କରିପାରିବ ।

**ଛ) ଦୃଶ୍ୟ-ଶ୍ରାବ୍ୟ ଉପକରଣର ବ୍ୟବହାର କରିବା**

ଆମେ ସମସ୍ତେ ଜାଣିଛେ, ଆମେ ଶୁଣିବା ଅପେକ୍ଷା ଯାହା ଦେଖୁ ଓ ଅନୁଭୂତି ନେଇଥାଉ ତାହା ଦୀର୍ଘଦିନ ପାଇଁ ଆମ ସ୍ମୃତିରେ ରହିଥାଏ । ଏହା ଶିକ୍ଷଣ ପାଇଁ ମଧ୍ୟ ଭଲ । ଯେହେତୁ ସାମାଜିକ ବିଜ୍ଞାନରେ ଅଧ୍ୟୟନ ପାଇଁ ଅନେକ ବିଷୟବସ୍ତୁ ରହିଛି, ଯଦି ଶିକ୍ଷକ କେବଳ ଲେଖିବା ଓ କହିବା ପ୍ରଣାଳୀ ବ୍ୟବହାର କରିବେ ଶିକ୍ଷାର୍ଥୀମାନଙ୍କୁ ବିଶେଷତଃ ଅମୂର୍ତ୍ତ ଧାରଣାଗୁଡ଼ିକୁ ବୁଝିବାରେ କଷ୍ଟ ହେବ । ସାମାଜିକ ବିଜ୍ଞାନ ଶ୍ରେଣୀକୁ ଜୀବନ୍ତ କରିବାରେ ଦୃଶ୍ୟ-ଶ୍ରାବ୍ୟ ଉପକରଣର ସାମର୍ଥ୍ୟ ରହିଛି । NCF, ୨୦୦୫ ମଧ୍ୟ ଦୃଶ୍ୟ-ଶ୍ରାବ୍ୟ ଉପକରଣର ବହୁଳ ବ୍ୟବହାର ପାଇଁ ସୁପାରିଶ କରିଛି ।

ଉଦାହରଣ: ସୂତା/ରେଶମ/ଝୋଟ ବୟନ ଶିଳ୍ପ ବିଷୟରେ ଶିକ୍ଷାଦାନ ଦେବା ସମୟରେ, କୃଷି କ୍ଷେତ୍ରଠାରୁ ଜିନିଷ ବିକ୍ରୟ ଶେଷ ପର୍ଯ୍ୟନ୍ତ ଶିଳ୍ପର ବିଭିନ୍ନ ସ୍ତରଗୁଡ଼ିକୁ ତୁମେ ଭିଡିଓ ବ୍ୟବହାର କରି ଦେଖାଇ ପାରିବ । ଯଦି ଏହା ସମ୍ଭବ ନୁହେଁ, ଅତି କମ୍‌ରେ ଶିଳ୍ପ କେନ୍ଦ୍ର ଥିବା ସ୍ଥାନ ଗୁଡ଼ିକର ଛବି ଥିବା ଚାର୍ଟ ଓ ମାନଚିତ୍ର ଶିକ୍ଷାର୍ଥୀମାନଙ୍କୁ ଦେଖାଇପାରିବ । ଯେଉଁ ସ୍ଥାନରେ ସମ୍ଭବ, ଦେଖିବା ଓ ଅନୁଭବ କରିବାର ଅନୁଭୂତି ଦେବା ପାଇଁ ଶ୍ରେଣୀକୁ ନମୁନା ମଧ୍ୟ ଆଣିପାରିବ ।

**ଜ) ବହୁବିଧ ମତ ପାଇଁ ସମ୍ମାନ**

ଭାରତଏକ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ନାଗରିକମାନେ ସେମାନଙ୍କ ମତବ୍ୟକ୍ତ କରିବାର ଅଧିକାର ରହିଛି । ସେମାନଙ୍କ ମତକୁ ସମ୍ମାନ ଦେବା ଶ୍ରୋତାମାନଙ୍କର କର୍ତ୍ତବ୍ୟ ହେବା ଉଚିତ୍ । ଶିକ୍ଷଣ ପରିବେଶ ସୃଷ୍ଟି କରି ବିଦ୍ୟାଳୟରେ ଏହି ମୂଲ୍ୟବୋଧ ବିକଶିତ କରିବାକୁ ହେବ । ସାମାଜିକ ବିଜ୍ଞାନରେ, ଯେତେବେଳେ ତୁମେ କୌଣସି ଘଟଣା ବିଷୟରେ ଆଲୋଚନା କରୁଛ, ଶିକ୍ଷାର୍ଥୀମାନଙ୍କୁ ନିଜ ମତବ୍ୟକ୍ତ କରିବା ପାଇଁ ଅନୁମତି ଦିଅ ।

ପ୍ରତ୍ୟେକଙ୍କୁ ସମାନ ସୁଯୋଗ ଦିଅ । ଏହା ଭୟାଶୂନ୍ୟ ବାତାବରଣ ସୃଷ୍ଟି କରି ଅନ୍ୟମାନଙ୍କ ମତକୁ ସମ୍ମାନ ଦେବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବ ଯାହାକି ଶିକ୍ଷଣ ପାଇଁ ଅନୁକୂଳ ଅଟେ ।

ଉଦାହରଣ:- ଆମେ ସମସ୍ତେ ଜାଣିଛେ ଯେ ଏକ ନଦୀବନ୍ଧ ନିର୍ମାଣର ଫଳ ହେଉଛି ଶହ ଶହ ଗ୍ରାମର ଉଚ୍ଛେଦ, ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ, ବନନାଶନ, ଇତ୍ୟାଦି । ଏହା ଏକ ସମସ୍ୟା ସୃଷ୍ଟି କରିପାରେ ଯଥା- ନଦୀବନ୍ଧ ନିର୍ମାଣକୁ ଆମେ ଉତ୍ସାହିତ କରିବା କି ? କୌଣସି ଜଣଙ୍କ ମତ ଉପରେ ମନ୍ତବ୍ୟ ନଦେଇ ଶିକ୍ଷାର୍ଥୀମାନଙ୍କୁ ନିଜ ମତ ବ୍ୟକ୍ତ କରିବାର ସୁଯୋଗ ପ୍ରଦାନ କରି ତୁମ ଦ୍ୱାରା ବିତର୍କ ପାଇଁ ଏକ ମଞ୍ଚ ସୃଷ୍ଟି କରାଯାଇପାରିବ ।

**ଶିକ୍ଷଣ କାର୍ଯ୍ୟ- ୩**

ତୁମ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଚିନ୍ତା କର ଏବଂ ଶିକ୍ଷାର୍ଥୀମାନେ ନିଜ ମତବ୍ୟକ୍ତ କରିବା ପାଇଁ ତୁମେ କିପରି ଏକ ପରିବେଶ ସୃଷ୍ଟି କରିବ ବର୍ଣ୍ଣନା କର ।

....................................................................................................................

....................................................................................................................

....................................................................................................................

### ୫) ବହୁଭାଷାର ବ୍ୟବହାର

ସାଧାରଣତଃ, ଏକରୁ ଅଧିକ ଭାଷାର ବ୍ୟବହାରକୁ ବହୁଭାଷା କୁହାଯାଏ । ବିଦ୍ୟାଳୟ ପ୍ରଣାଳୀରେ, ଆମ ଭଳି ଦେଶରେ, ଯେଉଁଠାରେ ଆମର ହଜାରରୁ ଅଧିକ ଉପଭାଷା ରହିଛି, ଏଠାରେ ପିଲାର ମାତୃଭାଷା ଶିକ୍ଷଣର ମାଧ୍ୟମ ପାଇଁ ବ୍ୟବହୃତ ଭାଷାଠାରୁ ଭିନ୍ନ ହେବାରେ ସମ୍ଭାବନା ରହିଛ । କିଛି ବିଦ୍ୟାଳୟରେ, ବିଷୟଟିକୁ ଭାଷାର ବିନା ପ୍ରତିବନ୍ଧକରେ ଶିକ୍ଷାର୍ଥୀମାନଙ୍କୁ ବୁଝିବାରେ ସାହାଯ୍ୟ କରିବା ପାଇଁ ଜଣେ ଶିକ୍ଷକ ପିଲାର ମାତୃଭାଷାକୁ ବ୍ୟବହାର କରିପାରିବେ । ଅଧିକ ସଂଖ୍ୟକ ପିଲାମାନଙ୍କ ଶ୍ରେଣୀରେ ଯାହା କିଛି ଶିକ୍ଷାଦାନ ଦିଆଯିବ ଏହା ତାର ଆକ୍ଷରିକ ଅନୁବାଦ ନୁହେଁ । କିନ୍ତୁ ବେଳେବେଳେ ପିଲାର ଭାଷାରେ ଶବ୍ଦର ଅର୍ଥକୁ ବୁଝାଇବାକୁ ପଡ଼େ । ଏହା କେବଳ ସମ୍ଭବ ଯେତେବେଳେ ଶିକ୍ଷକ ପିଲାର ଭାଷାକୁ ଜାଣିଥିବେ । କିଛି ସମୟରେ ଅନ୍ୟ ପିଲାଙ୍କ ସାହାଯ୍ୟ ମଧ୍ୟ ନିଆଯାଇପରେ, ଯଦି ଶିକ୍ଷକ ଆତ୍ମବିଶ୍ୱାସର ସହିତ ଅନୁଭବ କଲେ ଯେ, ଜଣେ ପିଲା ଅନ୍ୟ ପିଲାର ଭାଷାରେ ସଠିକ୍ ଶବ୍ଦଟି କହିପାରିବ ।

**ଉଦାହରଣ :** ଇତିହାସର ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଯଥା:- କୀର୍ତ୍ତି, ଖୋଦିତ ଲିପି, ପ୍ରତ୍ନତାତ୍ତ୍ୱିକ ଉତ୍ସ ଇତ୍ୟାଦି ସହିତ ପରିଚିତ କଲାବେଳେ ତୁମେ ଶବ୍ଦ ଗୁଡ଼ିକୁ ପିଲାର ଭାଷାରେ କହିବାକୁ ଚେଷ୍ଟା କରିବ । ପିଲାମାନେ ସେମାନଙ୍କ ଭବିଷ୍ୟତରେ ବ୍ୟବହାର ପାଇଁ ନିଜ ଅଭିଧାନ ପ୍ରସ୍ତୁତ କରିବା ପାଇଁ ତୁମେ ମଧ୍ୟ ସେମାନଙ୍କୁ ଉତ୍ସାହିତ କରିପାରିବ । ସମସ୍ତଙ୍କ ସୁବିଧା ପାଇଁ ସାମାଜିକ ବିଜ୍ଞାନର ଏକ ବହୁଭାଷାର ଚାର୍ଟ ଶ୍ରେଣୀ କକ୍ଷରେ ପ୍ରଦର୍ଶିତ କରିପାରିବ ।

ଏହା ଆବଶ୍ୟକ ନୁହେଁ ଯେ, ଉପରୋକ୍ତ ସମସ୍ତ ଲକ୍ଷଣଗୁଡ଼ିକ ସାମାଜିକ ବିଜ୍ଞାନ ଶ୍ରେଣୀକକ୍ଷରେ ପ୍ରତିଫଳିତ ହେବ । କିନ୍ତୁ ଶ୍ରେଣୀରେ ଏହାର ଅଧିକରୁ ଅଧିକ ପ୍ରତିଫଳନ ପାଇଁ ତୁମ ଦ୍ୱାରା ପ୍ରଚେଷ୍ଟା ରହିବା ଉଚିତ ।

## ୭.୩ ଗୋଟିଏ କୌଶଳ ଚୟନ ନିର୍ଦ୍ଧାରଣ କରୁଥିବା ଉପାଦାନ ସମୂହ

ଯେହେତୁ ସାମାଜିକ ବିଜ୍ଞାନ ଶିକ୍ଷାଦାନ ଶିକ୍ଷଣରେ ଅନେକଗୁଡ଼ିଏ କୌଶଳ ରହିଛି, ତେଣୁ ଦିଆଯାଇଥିବା ଶ୍ରେଣୀ ପାଇଁ କେଉଁ କୌଶଳଟି ଉପଯୁକ୍ତ ତାହା ଶିକ୍ଷକ ସ୍ଥିର କରିବେ । ଆସନ୍ତୁ ବର୍ତ୍ତମାନ ଆବଶ୍ୟକତାକୁ ବିଚାରକୁ ନେଇ କୌଶଳ ଚୟନ ପାଇଁ ଥିବା ଉପାଦାନଗୁଡ଼ିକୁ ଆଲୋଚନା କରିବା ।

କ) **ଉଦ୍ଦେଶ୍ୟ :** କିଛି ଉଦ୍ଦେଶ୍ୟକୁ ନେଇ ପ୍ରତ୍ୟେକ ଏକକ ଶିକ୍ଷାର୍ଥୀମାନଙ୍କୁ ପଢ଼ାଯାଏ । ଉଦ୍ଦେଶ୍ୟର ପ୍ରକାର ଭେଦ ଯଥା:- ଜ୍ଞାନାତ୍ମକ, ବୋଧାତ୍ମକ, ପ୍ରୟୋଗ ଓ କୌଶଳ ଇତ୍ୟାଦି ଉପରେ ନିର୍ଭର କରି ତୁମେ କୌଶଳ ଚୟନ କରିବ ।

ଖ) **ବିଷୟବସ୍ତୁ:** ପ୍ରତ୍ୟେକ ବିଷୟବସ୍ତୁ ଭିନ୍ନଭିନ୍ନ କୌଶଳ ଆବଶ୍ୟକ କରିଥାଏ । ମନେକର ଅତୀତକୁ ଦେଖିବା ପାଇଁ ଏକ ବିଷୟବସ୍ତୁ ଗଳ୍ପ କଥନ କୌଶଳ ଆବଶ୍ୟକ କରିପାରେ । ଏହିପରି ତୁମେ ବିଷୟବସ୍ତୁ ବିଶ୍ଳେଷଣ କରିବ ଓ ଏହାପରେ କୌଶଳ ନିର୍ଦ୍ଧାରଣ କରିବ ।



ଟିପ୍ପଣୀ

ଗ) **ସମ୍ବଳର ଉପଲବ୍ଧତା :** କୌଶଳ ସ୍ଥିର କରିବାରେ ସମ୍ବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିକ୍ଷକ ଏକ ଉତ୍ତମ କୌଶଳ ଚିନ୍ତା କରିପାରିବେ କିନ୍ତୁ ଯଦି ସମ୍ବଳ ଉପଲବ୍ଧ ନ ଥିବ, ତେବେ ଏକ ଇଚ୍ଛାକୃତ କୌଶଳ ଅନୁସରଣ କରିବା ଶିକ୍ଷକଙ୍କ ପକ୍ଷରେ ସମ୍ଭବ ହେବନାହିଁ । ଅନ୍ୟଥା ସମ୍ବଳର ଉପଲବ୍ଧି ଅନୁସାରେ କୌଶଳ ସ୍ଥିର କରାଯାଇପାରିବ ।

ଘ) **ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ :** କୌଣସି ନିଷ୍ପତ୍ତି ନେବା ପାଇଁ ଶିକ୍ଷାର୍ଥୀମାନେ ହେଉଛନ୍ତି କେନ୍ଦ୍ର/ମୁଖ୍ୟ/କେନ୍ଦ୍ରବିନ୍ଦୁ । ଶିକ୍ଷାର୍ଥୀମାନଙ୍କ ଆଗ୍ରହ, ଦକ୍ଷତା ଓ ସାମର୍ଥ୍ୟ ଉପରେ ନିର୍ଭର କରି ତୁମେ କୌଶଳ ଚୟନ କରିପାରିବ ।

**ଶିକ୍ଷଣ କାର୍ଯ୍ୟ - ୪**

ଶିକ୍ଷାଦାନ କୌଶଳ ଚୟନକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକର ତାଲିକା ପ୍ରସ୍ତୁତ କର ।

..........................................................................................................

..........................................................................................................

..........................................................................................................

ଙ) **ଶିକ୍ଷକଙ୍କ ନିପୁଣତା :** ଶିକ୍ଷାଦାନ କୌଶଳ ସ୍ଥିର କରିବା ଓ ସମ୍ବଳଗୁଡ଼ିକୁ ଗଚ୍ଛିତ କରିବାରେ ଶିକ୍ଷକ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଟନ୍ତି, ଯଦ୍ୟପି କୌଶଳ ସ୍ଥିର କରିବା ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ ମଧ ପରାମର୍ଶ ଦେଇଥାନ୍ତି । ଯଦି ଶିକ୍ଷକ ଏକ ନିର୍ଦ୍ଦିଷ୍ଟ କୌଶଳ ଅନୁସରଣ କରିବା ପାଇଁ ମନସ୍ଥ କରିଛନ୍ତି ତେବେ ଏହା ହୋଇପାରିବ କାରଣ ସେ ଶ୍ରେଣୀର ପରିଚାଳକ / ନିର୍ଦ୍ଦେଶକ ଅଟନ୍ତି ।

## ୭.୪ ଶିକ୍ଷାଦାନ - ଶିକ୍ଷଣ କୌଶଳ ସମୂହ

ସମସ୍ତ ପିଲା ସ୍ୱଭାବତଃ ଶିଖିବା ପାଇଁ ଇଚ୍ଛୁକ ଓ ଶିକ୍ଷଣରେ ପାରଙ୍ଗମ ଏବଂ ଏହା ଉଭୟ ବିଦ୍ୟାଳୟ ମଧ୍ୟରେ ଓ ବାହାରେ ଘଟିଥାଏ । ଯଦ୍ୟପି ଉଭୟ ବ୍ୟକ୍ତିଗତ ଭାବେ ଓ ଦଳଗତ ଭାବେ ବିଭିନ୍ନ ପନ୍ଥାରେ ପିଲାମାନେ ଶିଖିଥାନ୍ତି, NCF, 2005 ଅନୁସାରେ ପିଲାମାନେ ଜିନିଷ ତିଆରି କରିବା ଓ କାର୍ଯ୍ୟ କରିବା ଶିକ୍ଷଣ ଅଭିଜ୍ଞତାର ହାସଲ ପରୀକ୍ଷଣ, ପଠନ, ଆଲୋଚନା, ଶ୍ରବଣ, ଚିନ୍ତନ ଓ ପ୍ରତିଫଳନ କଥା ମାଧ୍ୟମରେ ନିଜର ଅଭିବ୍ୟକ୍ତି ପ୍ରକାଶନ ଚଳନ ଓ ଲିଖନ ମାଧ୍ୟମରେ ପିଲାମାନେ ସୁଯୋଗ ଆବଶ୍ୟକ କରନ୍ତି । ଏପରିକି NCF, 2005 ଏକ ଶିକ୍ଷାର୍ଥୀ-କୈନ୍ଦ୍ରିକ ଓ କାର୍ଯ୍ୟ ଆଧାରିତ ଶିକ୍ଷଣ ଭିତ୍ତିକ ପ୍ରକ୍ରିୟାକୁ ସମର୍ଥନ କରେ । ତେଣୁ ଉପଯୁକ୍ତ କୌଶଳ ଅନୁସରଣ କରି ଏକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଓ ଜ୍ଞାନ ନିର୍ମାଣରେ ପିଲାମାନଙ୍କୁ ସାହାଯ୍ୟ କରିବା ଶିକ୍ଷକଙ୍କର ଦାୟିତ୍ୱ । ଏହାର ଅର୍ଥ ନୁହେଁ ଯେ ତୁମେ ଏ ଗୁଡ଼ିକ ତୁମ ଶ୍ରେଣୀରେ ଅଭ୍ୟାସ କରିବ ନାହିଁ । ଜଣେ ଅଭିଜ୍ଞ ଶିକ୍ଷକ ହିସାବରେ ଜ୍ଞାତରେ ହେଉ କିମ୍ବା ଅଜ୍ଞାତରେ ହେଉ ବିଷୟ ଶିକ୍ଷାଦାନ ସମୟରେ ତୁମେ ସେଗୁଡ଼ିକ ନିଶ୍ଚିତ ଅଭ୍ୟାସ କରିବା ଦରକାର । କିନ୍ତୁ ସେଗୁଡ଼ିକୁ ବୁଝିବା ଦ୍ୱାରା ନିଶ୍ଚିତ ଭାବରେ ତୁମ ଚିନ୍ତାଧାରା ପ୍ରଶସ୍ତ ହେବ ସେଗୁଡ଼ିକୁ ଏକ ଭଲ ଦିଗରେ କାର୍ଯ୍ୟରେ ଲଗାଇବାରେ । କିଛି କୌଶଳ ଯାହାକୁ ସାମାଜିକ ବିଜ୍ଞାନ ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ବ୍ୟବହାର କରିହେବ ସେଗୁଡ଼ିକୁ ନିମ୍ନ ଉପବିଭାଗଗୁଡ଼ିକରେ ବର୍ଣ୍ଣନା କରାଯାଇଛି ।

### ୭.୪.୧ ଭୂମିକା ଅଭିନୟ

'ଭୂମିକା' ଶବ୍ଦଟି ଏକ ଅନୁକ୍ରମର ଏକ ଅଂଶକୁ ସ୍ୱୀକାର କରିବାକୁ ସୂଚାଏ ଏବଂ "ଅଭିନୟ"ର ଅର୍ଥ ଏହାକୁ ଅଭିନୟ କରିବା । ନାଟକ ତୁଳନାରେ ଅଭିନୟ ଅଧିକ ନମନୀୟ ଅଟେ । ନାଟକରେ ଏକ ଧାର୍ଯ୍ୟ ବିଷୟବସ୍ତୁ ରହିବ । ଆଳାପ/କଥୋପକଥନ କଥାବାର୍ତ୍ତାଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଘଟଣାରେ କ୍ରମ ଦୃଢ଼ ଭାବରେ ଅନୁସରଣ କରାଯିବ । ଅଭିନୟରେ ଏଗୁଡ଼ିକ ନଥାଏ ?

ଅଭିନୟରେ ବିଷୟବସ୍ତୁ ଥାଇପାରେ, କିନ୍ତୁ ଆଳାପଗୁଡ଼ିକ ଶିକ୍ଷାର୍ଥୀ କିମ୍ବା ଅଭିନେତାମାନଙ୍କର ଏକ ଦଳ ଦ୍ୱାରା ପ୍ରସ୍ତୁତ ହୋଇଥାଏ । ସମୟେ ସମୟେ ଆବଶ୍ୟକୀୟ ପୂର୍ବାଭିନୟ ବିନା ଅଭିନୟ ସଂଗଠିତ ହୁଏ ।

ଭୂମିକା ଅଭିନୟରେ ସୋପାନ ସମୂହ:

୧. ଏକ ବିଷୟବସ୍ତୁ ଧାର୍ଯ୍ୟ କରିବା କିମ୍ବା ବିଷୟବସ୍ତୁ ଉପରେ ନିଷ୍ପତ୍ତି ନେବା ଯାହାକି ପାଠଗତ ବିଷୟବସ୍ତୁ ସମ୍ପର୍କିତ ଅଟେ ।

୨. ବିଭିନ୍ନ ପ୍ରକାର ଭୂମିକା, ଆବଶ୍ୟକ ଥିବା ଶିକ୍ଷାର୍ଥୀମାନଙ୍କର ସଂଖ୍ୟାରେ ନିଷ୍ପତ୍ତି ନେବା ଓ ନମନୀୟ ଭାବରେ ଆଳାପଗୁଡ଼ିକ ବିକାଶ କରିବ ।

୩. ଯଦି ଆଳାପଗୁଡ଼ିକ ପ୍ରସ୍ତୁତ ହୋଇଯାଏ ତେବେ ଏକ ଛୋଟ ପୂର୍ବାଭିନୟ ସଂଗଠିତ କରାଯାଇପାରିବ ।

୪. ସରଳ ପୋଷକ ସହିତ କିମ୍ବା ବ୍ୟତୀତ ଅଭିନୟକୁ ପରିଚାଳନା/ପରିବେଷଣ କରିବା ।

୫. ଶିକ୍ଷକ ଓ ସାଙ୍ଗସାଥିମାନଙ୍କ ଦ୍ୱାରା ପ୍ରତିପୂଷ୍ଟି ପ୍ରଦାନ ।

ଯେତେବେଳେ ତୁମେ ପାଠ ଅନ୍ତର୍ଗତ ବିଷୟବସ୍ତୁକୁ ବିଚାର କରିବ ସେତେବେଳେ ସୋପାନଗୁଡ଼ିକ ପରିବର୍ତ୍ତନ ହୋଇପାରେ । ଏଠାରେ ସାମାଜିକ ବିଜ୍ଞାନ ବିଷୟବସ୍ତୁ ଆଧାରିତ ଭାଷା ପାଠ୍ୟ ପୁସ୍ତକର ପାଠଗୁଡ଼ିକ ନାଟକ ରୂପରେ ଥାଇପାରେ ।

ଉଦାହରଣ ସ୍ୱରୂପ - ଯେତେବେଳେ ପାଠରେ ଦିଆଯାଇଥିବା କଥୋପକଥୋନଗୁଡ଼ିକୁ ତୁମ ଶିକ୍ଷାର୍ଥୀମାନେ ଅଭ୍ୟାସ କରନ୍ତୁ ବୋଲି ତୁମେ ଚାହଁ ଏଠରେ ପରିବର୍ତ୍ତନ ପାଇଁ ବେଶି ଅବକାଶ ନଥାଏ ।

**ଦୃଷ୍ଟାନ୍ତ:-** ଜଣେ ପଞ୍ଚାୟତ ସଭାପତିଙ୍କର ଭୂମିକା ଅଭିନୟ କର ଯିଏ କି ଗ୍ରାମ ସଭାର ସଦସ୍ୟମାନଙ୍କୁ ସମ୍ବୋଧନ କରୁଥିବେ ।

କେତେକ ଘଟଣାବଳୀରେ ଶିକ୍ଷାର୍ଥୀମାନଙ୍କୁ ସମ୍ବେଦଶୀଳ କରିବାରେ ଭୂମିକା ଅଭିନୟ ଅତ୍ୟନ୍ତ ସହାୟକ ହୋଇଥାଏ ଏବଂ ଦିଆଯାଇଥିବା ଭୂମିକାରେ ସେମାନଙ୍କୁ ସ୍ଥାପିତ କରି ଅସୁବିଧାଗୁଡିକୁ ବୁଝିବାରେ ସାହାଯ୍ୟ କରେ । ଏହା ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ଓ ଯୋଗାଯୋଗ କୌଶଳ ବିକାଶ କରେ ଯେଉଁଗୁଡ଼ିକ ଜୀବନ କୌଶଳର ମଧ୍ୟ ଗୋଟିଏ ଅଂଶ ଅଟେ ।

**ନିଆଯିବାକୁ ଥିବା ପ୍ରାକ୍ ସାବଧାନତା**

ଭୂମିକା ଚୟନ କରିବା ସମୟରେ, ଯେକୌଣସି ବ୍ୟକ୍ତିଙ୍କ ଭାବନାକୁ ଆଘାତ ନ ଦେବା ପାଇଁ ସାବଧାନତା ଅବଲମ୍ବନ କରିବାକୁ ହେବ । ଯଦିଓ ଏହା କୌଣସି ଅଭ୍ୟାସର ଆବଶ୍ୟକ କରି ନଥାଏ ତଥାପି ଅତିକମ୍‌ରେ ଥରେ ସେମାନଙ୍କ ସ୍ତରରେ ଏହାର ଅଭ୍ୟାସ କରିବା ଭଲ ।

**ଶିକ୍ଷଣ କାର୍ଯ୍ୟ-୫**

ଭୂମିକା ଅଭିନୟ ପାଇଁ ସୁଯୋଗ ଥିବା ଗୋଟିଏ ପ୍ରସଙ୍ଗ ଚିହ୍ନଟ କର । ଭୂମିକା ଓ ଭୂମିକା ପାଇଁ ଚୟନ କରାଯାଇଥିବା ଶିକ୍ଷାର୍ଥୀମାନଙ୍କ ନାମ ଲେଖ । ଭୂମିକା ଅଭିନୟ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ତୁମେ କଣ ମାର୍ଗଦର୍ଶନ ଦେବ ?

.............................................................................................................

.............................................................................................................

**୭.୪.୨ ପ୍ରକଳ୍ପ ପଦ୍ଧତି (ଛୋଟ ଦଳରେ କାର୍ଯ୍ୟ କରିବା)**

ପ୍ରକଳ୍ପ ହେଉଛି ଏକ ଶିକ୍ଷଣ କାର୍ଯ୍ୟ ଆଧାରିତ ପଦ୍ଧତି ଯାହା ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଜୀବନର ଅନୁଭୂତି ପ୍ରଦାନ କରିଥାଏ । ଏହା ସ୍ୱାଭାବିକ ପୃଷ୍ଠଭୂମିରେ ପାଳନ କରାଯାଉଥିବା ଏକ ସମସ୍ୟାମୂଳକ କାର୍ଯ୍ୟ । ଅନେକଗୁଡ଼ିଏ ପଦ୍ଧତି ଯଥା - କ୍ଷେତ୍ର ଭ୍ରମଣ, ଶିକ୍ଷଣ କାର୍ଯ୍ୟ ଆଧାରିତ ପଦ୍ଧତି, ସହଯୋଗୀ ଶିକ୍ଷଣ, ପ୍ରତ୍ୟୟ ଚିତ୍ରଣ ଓ ମାନଚିତ୍ର ଆଧାରିତ ଶିକ୍ଷଣ, ଇତ୍ୟାଦିର ବୈଶିଷ୍ଟ୍ୟ ଗୁଡ଼ିକୁ ସମନ୍ୱିତ କରିବାପାଇଁ ଏହି ପଦ୍ଧତି ସୁଯୋଗ ଦେଇଥାଏ ।

ପ୍ରକଳ୍ପ ପଦ୍ଧତିର ମୁଖ୍ୟନୀତି ସମୂହ:

**କ) ଉଦ୍ଦେଶ୍ୟ ନୀତି:** ଉଦ୍ଦେଶ୍ୟଭିତ୍ତିକ ଜ୍ଞାନ ହେଉଛି ଏକ ବଳିଷ୍ଠ ଉଦ୍ଦୀପନା ଯାହା ପିଲାମାନଙ୍କୁ ସେମାନଙ୍କ

ଟିପ୍ପଣୀ

ଲକ୍ଷ୍ୟ ହୃଦୟଙ୍ଗମ ପାଇଁ ପ୍ରେରଣା ଯୋଗାଇଥାଏ । ଶିକ୍ଷାର୍ଥୀର ନିଶ୍ଚିତଭାବେ ଏକ ଉଦ୍ଦେଶ୍ୟ ରହିଛି ଯେ, 'କାହିଁକି ସେ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରୁଅଛି ?' ଉଦ୍ଦେଶ୍ୟ ଶିକ୍ଷଣକୁ ପ୍ରେରଣା ଦେଇଥାଏ । ଲକ୍ଷ୍ୟହୀନ ଓ ଅର୍ଥହୀନ କାର୍ଯ୍ୟଦ୍ୱାରା ଆଗ୍ରହ ସୃଷ୍ଟି କରାଯାଇପାରିବ ନାହିଁ ।

**ଖ) କାର୍ଯ୍ୟ ନୀତି :** ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦିଆଯିବା ଉଚିତ୍ ଯାହା ସେମାନଙ୍କୁ ସକ୍ରିୟ କାର୍ଯ୍ୟ କରି ଶିଖିବାକୁ ପ୍ରସ୍ତୁତ କରିବ । ଭୌତିକ ସହିତ ମାନସିକ କାର୍ଯ୍ୟମାନ ସେମାନଙ୍କୁ ଦେବାକୁ ହେବ । କାର୍ଯ୍ୟ କରିବା ଓ କରିବ ମାଧ୍ୟମରେ ବଞ୍ଚିବା ପାଇଁ ସେମାନଙ୍କୁ ସୁଯୋଗ ଦିଆଯିବ ।

**ଗ) ଅନୁଭୂତି ନୀତି** : ଅନୁଭୂତି ହେଉଛି ଉତ୍ତମ ଶିକ୍ଷକ । ଯାହା ଶିଖିଛି ତାହା ନିଶ୍ଚିତ ଭାବରେ ଅନୁଭୂତି ସର୍ବସ୍ୱ ହେବା ଦରକାର । ପିଲାମାନେ ଅନୁଭୂତି ମାଧ୍ୟମରେ ନୂଆ ତଥ୍ୟ ଓ ସୂଚନା ଶିଖିଥାନ୍ତି ।

**ଘ) ସାମାଜିକ ଅନୁଭୂତି ନୀତି :** ପିଲା ହେଉଛି ଏକ ସାମାଜିକ ପ୍ରାଣୀ ଏବଂ ସାମାଜିକ ଜୀବନ ପାଇଁ ଆମେ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିଥାଉ । ସଂଘବଦ୍ଧ ଜୀବନ ପାଇଁ ତାଙ୍କୁ ତାଲିମ ନିଶ୍ଚିତ ଦିଆଯିବା ଆବଶ୍ୟକ । ପ୍ରକଳ୍ପ ପଦ୍ଧତିରେ ଶିକ୍ଷାର୍ଥୀମାନେ ଦଳରେ କାର୍ଯ୍ୟ କରନ୍ତି ।

**ଙ) ବାସ୍ତୁବତା ନୀତି** : ଜୀବନ ବାସ୍ତବ ଅଟେ ଏବଂ ଶିକ୍ଷା ଅର୍ଥପୂର୍ଣ୍ଣ ହେବା ନିମିତ୍ତ ନିଶ୍ଚିତ ବାସ୍ତବ ହେବା ଦରକାର । ପ୍ରକଳ୍ପ ପଦ୍ଧତି ହେଉଛି ପିଲାର ଏକ ଶିକ୍ଷା ପଦ୍ଧତି । ତେଣୁ ଏହା ମଧ୍ୟ ନିଶ୍ଚିତ ବାସ୍ତବ ହେବା ଆବଶ୍ୟକ । ବାସ୍ତବ ଜୀବନର ପରିସ୍ଥିତିଗୁଡ଼ିକ ବିଦ୍ୟାଳୟ ଜୀବନରେ ଉପସ୍ଥାପିତ ହେବା ଉଚିତ୍ ।

ଚ) **ସ୍ୱାଧୀନତା ନିୟମ** : ଗୋଟିଏ କାର୍ଯ୍ୟ ପାଇଁ ଇଚ୍ଛା ସ୍ୱତଃସ୍ଫୁର୍ତ୍ତ ହେବା ନିଶ୍ଚିତ ଦରକାର ଏବଂ ଏହା ଶିକ୍ଷକଙ୍କ ଚାପ ଦ୍ୱାରା ନୁହେଁ । କାରଣ ଛାତ୍ରଛାତ୍ରୀମାନେ ଚାପ, ବାଧା ବିଘ୍ନ ବା ପ୍ରତିବନ୍ଧକ ମୁକ୍ତ ହେବା ଉଚିତ୍ । ଫଳରେ ସେ ନିଜକୁ ମୁକ୍ତ ଭାବେ ପ୍ରକାଶ କରିପାରିବ । ନିଜର ଆଗ୍ରହ, ଆବଶ୍ୟକତା ଏବଂ ସାମର୍ଥ୍ୟ ଅନୁସାରେ ଗୋଟିଏ କାର୍ଯ୍ୟକୁ ବାଛିବା, କାର୍ଯ୍ୟଟିକୁ କରିବା ନିମିତ୍ତ ତାକୁ ସ୍ୱାଧୀନତା ଦିଆଯିବା ନିଶ୍ଚିତ ଆବଶ୍ୟକ ।

**ଛ) ଉପଯୋଗୀତା ନିୟମ** : ଜ୍ଞାନର ସାର୍ଥକତା ତେବେ ହୋଇଥାଏ, ଯେତେବେଳେ ଏହା ଉପଯୋଗୀ ଓ ବ୍ୟାବହାରିକ ହୋଇଥାଏ । ଏହି ପଦ୍ଧତି ବିବିଧ ମନୋବୃତ୍ତି ଓ ମୂଲ୍ୟ ବୋଧର ବିକାଶ କରିଥାଏ ଯାହା ବ୍ୟାବହାରିକ ଦୃଷ୍ଟିକୋଣରୁ ବହୁ ମହତ୍ୱପୂର୍ଣ୍ଣ ।

**ଏକ ଉତ୍ତମ ପ୍ରକଳ୍ପର ବୈଶିଷ୍ଟ୍ୟ** :

ଏକ ଉତ୍ତମ ପ୍ରକଳ୍ପ ଯାହା ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟ କରିବା ପାଇଁ ଆଗ୍ରହୋଦ୍ଦୀପକ ଓ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏକତ୍ର କାର୍ଯ୍ୟ କରିବାର ସମୃଦ୍ଧ ଅଭିଜ୍ଞତା ପ୍ରଦାନ କରିବା ସହିତ ସହଯୋଗୀ ଭାବନା ବିକଶିତ କରିବା ଉଚିତ୍ । ଗୋଟିଏ ପ୍ରକଳ୍ପ ଯାହା ଉପଯୋଗୀ ଏବଂ ଯଥାର୍ଥ ସମୟରେ ସମାପ୍ତ ହୋଇଥାଏ ତାହା ସର୍ବଦା ପ୍ରଶଂସନୀୟ ।

**ସୋପାନ ସମୂହ :**

ଦଳଗତ ପରିସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକରେ ଅନୁସୃତ ହେଉଥିବା ସୋପାନଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି । ଶିକ୍ଷାର୍ଥୀମାନେ ପ୍ରକଳ୍ପ କାର୍ଯ୍ୟର ସମସ୍ତ ସ୍ତରରେ ନିଷ୍ପତ୍ତି ନେବାରେ ସାମିଲ ହୋଇଥିବା କଥା ଦେଖ ।

- ଦଳଗଠନ କରିବା
- ବିଷୟ ବସ୍ତୁ ଚୟନ କରିବା
- ଉପ ବିଷୟବସ୍ତୁ ଚିହ୍ନଟ କରିବା
- ପ୍ରତ୍ୟେକ ଉପବିଷୟବସ୍ତୁ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ।
- ଉପବିଷୟବସ୍ତୁ ଚୟନ କରିବା ।
- ଦଳର ପ୍ରତ୍ୟେକ ସଦସ୍ୟଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଗ୍ରହଣ କରିନେବା ।(ଦଳରେ ଆଲୋଚନା କରି)

- ସୂଚନା ଓ ସମ୍ବଳଗୁଡ଼ିକୁ ସଂଗ୍ରହ କରିବା ।
- ଉପସ୍ଥାପନା ପାଇଁ ପ୍ରସ୍ତୁତି କରିବା ।
- ଦଳଗତ ଉପସ୍ଥାପନା
- ସାଙ୍ଗସାଥୀଙ୍କ ଆଲୋଚନା / ଶିକ୍ଷକଙ୍କ ପ୍ରତିପୁଷ୍ଟି ।

ଟିପ୍ପଣୀ

**ଉପକାର**

ଏହା ସର୍ବଦା ଜୀବନ ସହ ସଂପର୍କିତ ଶିକ୍ଷଣ ନୀତି ସମୂହ ଉପରେ ଆଧାରିତ ଏବଂ ବିଦ୍ୟାଳୟର ସମସ୍ତ ବିଷୟଗୁଡିକ ସହିତ ସମ୍ଭବତଃ ସଂପୃକ୍ତ । ଶ୍ରମ ଓ ଗଣତାନ୍ତ୍ରିକ ଜୀବନ ଧାରା ସହିତ ଶିକ୍ଷାର୍ଥୀମାନଙ୍କ ମର୍ଯ୍ୟାଦାକୁ ବଜାୟ ରଖିବା ପାଇଁ ଏହା ସୁଯୋଗ ପ୍ରଦାନ କରେ । ସମସ୍ୟା ସମାଧାନର କୌଶଳ ବିକାଶ ପାଇଁ ପ୍ରଚୁର ସୁଯୋଗ ରହିଛି ।

**ଅପକାର**

ପଦ୍ଧତିକୁ ଅନୁସରଣ କରିବା ବେଳେ ଶ୍ରେଣୀର ନିୟମିତ ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିବାର ସମ୍ଭାବନାମାନ ଥାଏ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନଙ୍କଠାରୁ ସହଯୋଗ ପାଇବା କଷ୍ଟକର । ଯଦି ଶିକ୍ଷକ ଉପଯୁକ୍ତ ଯୋଜନା କରିବାରେ ଏବଂ ଶିକ୍ଷାର୍ଥୀଙ୍କୁ ଠିକ୍ ଭାବେ ମାର୍ଗଦର୍ଶନ ଦେବାରେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ଦ୍ୱନ୍ଦ ଏବଂ ସମୟ ଓ ଶ୍ରମର ଅପଚୟ ହୋଇପାରେ । ପ୍ରକଳ୍ପ ପଦ୍ଧତି ଏକ ଉତ୍ତମ ପାଠାଗାର ଏବଂ ସୂଚନାର ଅନ୍ୟାନ୍ୟ ଉତ୍ସମାନ ଅନ୍ୟ ସୂଚନାର ସମ୍ବଳ ମଧ୍ୟ ଆବଶ୍ୟକ  କରିଥାଏ ।

**ଶିକ୍ଷକଙ୍କ ଭୂମିକା**

ପ୍ରକଳ୍ପ କାର୍ଯ୍ୟର ସଫଳତା ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଉପରେ ଆଧାରିତ ଅଟେ । ଏଣୁ ଶିକ୍ଷକଙ୍କର ପ୍ରଥମ ଓ ପ୍ରମୁଖ ଦାୟିତ୍ୱ ହେଉଛି ଛାତ୍ରଛାତ୍ରୀମାନଙ୍କୁ ଏଭଳି ପରିସ୍ଥିତି ଯୋଗାଇ ଦେବା ଆବଶ୍ୟକ, ଯେଉଁଠି ସେମାନଙ୍କର କେତେକ ବ୍ୟାବହାରିକ ସମସ୍ୟା ସମାଧାନ ପାଇଁ ସେମାନେ ଏକ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଅନୁଭବ କରିବେ । ଶିକ୍ଷକ ମଧ୍ୟ ନିଶ୍ଚିତ ଭାବେ ସେମାନଙ୍କର ଆଗ୍ରହ, ଦକ୍ଷତା, ଆବଶ୍ୟକତା ଓ ସ୍ୱାଦୁକୁ ଆବିଷ୍କାର କରିବା ଦରକାର । ପରିସ୍ଥିତି ପ୍ରଦାନ କରିବାର ଭିନ୍ନଭିନ୍ନ ପ୍ରଦ୍ଧତିମାନ ରହିଛି । ଯେତେଦୂର ସମ୍ଭବ ଛାତ୍ରଛାତ୍ରୀମାନଙ୍କୁ ଯେଉଁସବୁ ସମସ୍ୟା ଓ ପରିସ୍ଥିତି ଦିଆଯାଏ, ସେଗୁଡ଼ିକ ସବୁ ସାମାଜିକ ହେବା ଆବଶ୍ୟକ । ଏହା ଉତ୍ତମ ସାମାଜିକ ପ୍ରଶିକ୍ଷଣ ଓ ଅଧିକ ସନ୍ତୋଷତା ପ୍ରଦାନ କରିଥାଏ । ଶିକ୍ଷକ ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ଆଗ୍ରହୀ ବିଷୟ ଉପରେ ଚର୍ଚ୍ଚା କରିପାରନ୍ତି ବା ବିଭିନ୍ନ ଦୃଶ୍ୟାବଳୀକୁ ଦେଖାଇ ପାରନ୍ତି । ଏଥିପାଇଁ ସ୍ଥାନୀୟ ପରିସ୍ଥିତିର ସର୍ବେକ୍ଷଣ ମଧ୍ୟ ହାତକୁ ନିଆଯାଇପାରେ । ଉପଯୁକ୍ତ ପରିସ୍ଥିତି ଯୋଗାଇବା ପାଇଁ ଶିକ୍ଷକଙ୍କୁ ସମସ୍ତ ପ୍ରକାର ସମ୍ବଳର ବ୍ୟବହାର କରିବାକୁ ହେବ ।

ଅଧିକାଂଶ ପ୍ରଶିକ୍ଷକଙ୍କର ଏହା ମତ ଯେ, ପ୍ରକଳ୍ପଗୁଡ଼ିକ ଛାତ୍ରଛାତ୍ରୀମାନେ ନିଜେ ହିଁ ବାଛିବା ଆବଶ୍ୟକ । ସେମାନେ ଭାବନ୍ତି ଯେ, ଏହା ଛାତ୍ରଛାତ୍ରୀମାନଙ୍କର ଉଦ୍ଦେଶ୍ୟକୁ ଉଦ୍ଦୀପିତ କରିବ ଏବଂ ସେମାନେ ସେମାନଙ୍କର କାର୍ଯ୍ୟରେ ଅଧିକ ଆଗ୍ରହୀ ହେବେ ଯଦି ସେମାନେ ଯାହା କରିବାକୁ ଚାହାଁନ୍ତି ତାହା ସ୍ଥିର କରିବାରେ ସେମାନଙ୍କର ଭାଗିଦାରିତା ରହେ ।

ଅନ୍ୟ ଯେଉଁମାନେ ଭାବନ୍ତି ଯେ ଶିକ୍ଷକମାନେ ହିଁ ପ୍ରକଳ୍ପ କାର୍ଯ୍ୟଗୁଡ଼ିକୁ ବାଛିବା ଆବଶ୍ୟକ ସେମାନେ ଯୁକ୍ତି କରନ୍ତି, ପିଲାମାନେ କେବଳ ସେମାନଙ୍କ ସାମର୍ଥ୍ୟର ହିଁ ପ୍ରକଳ୍ପ ବାଛନ୍ତି ।

ଛାତ୍ରଛାତ୍ରୀମାନେ ଅପରିପକ୍ୱ ହୋଇଥିବା ଯୋଗୁଁ ସେମାନେ ପ୍ରକଳ୍ପ କାର୍ଯ୍ୟ ବାଛିବାରେ ପର୍ଯ୍ୟାପ୍ତ ଦିଗ୍‌ଦର୍ଶନ ଆବଶ୍ୟକ କରନ୍ତି ।

ଉଦାହରଣ : ଆମ କୃଷି

ଶିକ୍ଷାର୍ଥୀଙ୍କ ସଂଖ୍ୟା-୪୦

ଦଳ ସଂଖ୍ୟା : ୮

ଟିପ୍ପଣୀ

ପ୍ରତ୍ୟେକ ଦଳରେ ସଦସ୍ୟ ସଂଖ୍ୟା -୫

**ଉପବିଷୟ ବସ୍ତୁ**

ଦଳ ୧ - କୃଷିର ସଂଜ୍ଞା ଓ ପ୍ରକାର

ଦଳ ୨ - ସ୍ୱାଧୀନତା ପୂର୍ବରୁ ଭାରତୀୟ କୃଷିର ଅବସ୍ଥା

ଦଳ ୩ - ସ୍ୱାଧୀନତା ପରେ ଭାରତୀୟ କୃଷିର ବିକାଶ

ଦଳ ୪,୫ ଏବଂ ୬ - ଖାଦ୍ୟ ଶସ୍ୟ

ଦଳ ୭ ଏବଂ ୮ - ଅର୍ଥକାରୀ ଶସ୍ୟ

**ପ୍ରତ୍ୟେକ ଦଳ ଦ୍ୱାରା କରିବାକୁ ଥିବା ଆବଶ୍ୟକୀୟ କାର୍ଯ୍ୟ :**

୧. ସୂଚନା ସଂଗ୍ରହ କରିବା

୨. ମାନଚିତ୍ର ଓ ଚାର୍ଟ ପ୍ରସ୍ତୁତ କରିବା

୩. ନମୁନା ସଂଗ୍ରହ କରିବା (ଯାହା ସମ୍ଭବ)

୪. ଇଣ୍ଟରନେଟ୍‌ରୁ ଛବି ଡାଉନ୍‌ଲୋଡ୍ କରିବା ବା ସଂଗ୍ରହ କରିବା

୫. ଲେଖା ପ୍ରସ୍ତୁତ କରିବା

୬. ଉପସ୍ଥାପନା କରିବା ଓ ଆଲୋଚନା କରିବା

କାର୍ଯ୍ୟକୁ ପ୍ରଦର୍ଶନ କରିବାକୁ ଦିଆଯାଇଥିବା ସମୟ

କାର୍ଯ୍ୟକୁ ପ୍ରସ୍ତୁତ କରିବାକୁ ଦିଆଯାଇଥିବା ସମୟ - ଦୁଇ ସପ୍ତାହ

ଆଲୋଚନା ସହିତ ଦଳଗତ କାର୍ଯ୍ୟର ଉପସ୍ଥାପନା ପାଇଁ ଦିଆଯିବାକୁଥିବା ସମୟ : ୩୦ ମିନିଟ୍ ପ୍ରତି ଦଳ ପାଇଁ (ପାଖାପାଖି)

ଦଳଗତ କାର୍ଯ୍ୟର ସମାପ୍ତି ପରେ ଫଳାଫଳକୁ ଶ୍ରେଣୀର ବାକି ବିଦ୍ୟାର୍ଥୀମାନଙ୍କ ସହ ବିନିମୟ କରିବାକୁ ହେବ । ଦୃଶ୍ୟଗୁଡିକ ସହ ବିବରଣୀ ପଠନ କିମ୍ବା ଉପସ୍ଥାପନା ମାଧ୍ୟମରେ ଏହି ବିନିମୟ କରାଯାଇପାରିବ । ଦଳର ପ୍ରତ୍ୟେକ ସଦସ୍ୟ କାର୍ଯ୍ୟର କେତେକ ଅଂଶକୁ ଶ୍ରେଣୀରେ ଉପସ୍ଥାପନା କରିବେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିବେ । ଶିକ୍ଷକ ଏବଂ ସାଙ୍ଗସାଥୀମାନେ ଭବିଷ୍ୟତରେ ଆହୁରି ଭଲ କରିବା ପାଇଁ ପ୍ରତିପୁଷ୍ଟି ପ୍ରଦାନ କରିବେ ।

**ନିଜ ଅଗ୍ରଗତି ଆକଳନ -୧**

୧. ଗୋଟିଏ ପ୍ରକଳ୍ପ କାର୍ଯ୍ୟରେ ଦଳର ଲକ୍ଷଣଗୁଡ଼ିକୁ ବର୍ଣ୍ଣନା କର ।

..........................................................................................

..........................................................................................

..........................................................................................

୨. ପ୍ରକଳ୍ପ କାର୍ଯ୍ୟର ଉପକାରିତାଗୁଡିକ କ'ଣ ?

..........................................................................................

..........................................................................................

..........................................................................................

**ଶିକ୍ଷଣ କାର୍ଯ୍ୟ - ୬**

ଦଳଗତ ଭାବରେ ପ୍ରକଳ୍ପ କାର୍ଯ୍ୟ ପାଇଁ ସୁଯୋଗ ଥିବା ଗୋଟିଏ ପ୍ରସଙ୍ଗକୁ ବାଛ । ତୁମେ କିପରି ଭାବରେ

କାର୍ଯ୍ୟ ଆବଣ୍ଟନ କରିବ ଓ ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବା ପାଇଁ ସୂଚନା ଦେବ ତାହା ଲେଖ । ତୁମେ କିପରି ଭାବେ ଉପସ୍ଥାପନା ଅଧିବେଶନକୁ ସଂଗଠନ କରିବ, ବର୍ଣ୍ଣନା କର ।

.................................................................................................

.................................................................................................

ଟିପ୍ପଣୀ

---

### ୭.୪.୩ ଅଭିନୟ

ଆମେ ସମସ୍ତେ ନାଟକ ଦେଖିଛୁ, ଉଭୟ ପାରମ୍ପରିକ ଓ ଆଧୁନିକ । ବିଭିନ୍ନ ପ୍ରକାରର ନାଟକ ମଞ୍ଚସ୍ଥ ହୋଇଥାଏ ଯଥା ହାସ୍ୟାସ୍ପଦ ନାଟକ, ପଥପ୍ରାନ୍ତ ନାଟକ, ଯକ୍ଷ୍ୟଗଣ ଇତ୍ୟାଦି । ଆମେ ସମସ୍ତେ ଜାଣୁ ଯେ, ନାଟକର ଆମୋଦପ୍ରମୋଦ ମୂଲ୍ୟବୋଧ ରହିଛି । ଏଗୁଡିକର କିଛି ଶିକ୍ଷଣୀୟ ମୂଲ୍ୟବୋଧ ମଧ୍ୟ ଥାଏ କି ? ଶ୍ରେଣୀ ଶିକ୍ଷଣକାର୍ଯ୍ୟର ଅଭିବୃଦ୍ଧି କରିବା ପାଇଁ ନାଟକୀୟ କଳା କୌଶଳକୁ ଆମେ ବ୍ୟବହାର କରିପାରିବା କି ?

ଅଭିବ୍ୟକ୍ତି ସହ, ଅଭିନୟକର୍ତ୍ତାଙ୍କ ଅଭିନୟ ଯେଉଁଥିରେ ସେମାନଙ୍କର ଅଙ୍ଗଭଙ୍ଗୀ ବା ମୁଦ୍ରା, ସଙ୍ଗୀତ, ନୃତ୍ୟ ଥାଏ ଏବଂ ସ୍ୱତନ୍ତ୍ର ପ୍ରଭାବ ଥାଏ ସେହି ପୂର୍ବ ନିର୍ଦ୍ଧାରିତ କଥୋପକଥନର ଅଭିବ୍ୟକ୍ତିକୁ ନାଟକ କୁହାଯାଏ ।

ଅପରିବର୍ତ୍ତନୀଶୀଳ ପୂର୍ବନିର୍ଦ୍ଧାରିତ ଲିଖିତ ଅଂଶ ନାଟକରେ ଥାଏ । ତତ୍‌କ୍ଷଣାତ ଉପଲବ୍ଧ ନାଟକ ମାନରହିଛି, କିନ୍ତୁ ସେଗୁଡିକ ପାଠର ବିଷୟବସ୍ତୁ ସହିତ ତଥା ଶିକ୍ଷାର୍ଥୀଙ୍କ ସହିତ ମେଳ ହୋଇନପାରେ । ଏହା ପାଠରୁ ନାଟକୀୟ ଅଂଶକୁ ଚିହ୍ନଟ କରିବା ପାଇଁ ଆଗ୍ରହୀ ଶିକ୍ଷକ ଆବଶ୍ୟକ କରେ ଏବଂ ବେଳେବେଳେ ସେ ମଧ୍ୟ ସଂଳାପ ବିକଶିତ କରିଥାନ୍ତି । ତାଙ୍କୁ ନାଟକରେ ଆଗ୍ରହଥିବା ଶିକ୍ଷାର୍ଥୀଙ୍କୁ ଚୟନ କରିବାକୁ ହେବ ଯାହା ପାଖରେ ଅଭିନୟ କରିବାର କଳାଥାଏ ସେମାନଙ୍କୁ ଭୂମିକା ପ୍ରଦାନ ଆବଶ୍ୟକତା ଅନୁସାରେ ମଧ୍ୟ କରିବାକୁ ହୋଇଥାଏ । ଅନେକଥର ପୂର୍ବାଭିନୟ ସଙ୍ଗୀତ ଓ ବେଶଭୂଷା ସହିତ ହୋଇଥାଏ । ଆରମ୍ଭ ସମୟରେ ବାଦ୍ୟଯନ୍ତ୍ର ନଥାଇପାରେ କିନ୍ତୁ ଆସ୍ତେ ଆସ୍ତେ ସେଗୁଡିକୁ ବ୍ୟବହାର କରାଯାଇଥାଏ ।

**ଅଭିନୟ ପରିଚାଳନାରେ ସୋପାନ ସମୂହ**

- ପାଠରେ ନାଟକୀୟ ଉପାଦାନକୁ ନିର୍ଦ୍ଧାରଣ କରିବା
- ପାଠକୁ ଖାପ ଖୁଆଇବା ଭଳି ଏକ ନାଟକ ଖୋଜି ବାହାର କରିବା
- ପାଠକୁ ଖାପ ଖୁଆଇବା ଭଳି ପାଠକ ପରିବର୍ତ୍ତନ କରିବା
- ନାଟକର ବିଭିନ୍ନ ଭୂମିକାରେ ଯୋଗ୍ୟ ବିବେଚିତ ଶିକ୍ଷାର୍ଥୀମାନଙ୍କୁ ସ୍ଥିର କରିବା
- ଭିନ୍ନଭିନ୍ନ ଶିକ୍ଷାର୍ଥୀଙ୍କୁ ଭୂମିକା ଆବଣ୍ଟନ କରିବା ଓ ସେମାନଙ୍କୁ ସେମାନଙ୍କର ସଂଳାପ ଲେଖି ନେବାକୁ କହିବା
- ଚରିତ୍ରର ସଂଳାପ ଏବଂ ନାଟକର ମୁଖ୍ୟ ବିଷୟକୁ ବୁଝିବା ପାଇଁ ବିଦ୍ୟାର୍ଥୀଙ୍କୁ ସମୟ ଦେବା
- ଆବଶ୍ୟକତା ଅନୁଯାୟୀ ପୂର୍ବାଭିନୟ କରିବା
- ପୂର୍ବାଭିନୟ ବେଶଭୂଷା ସହ କରିବା
- ନାଟକ ଅଭିନୀତ କରିବା
- ନାଟକର ଭାଷା, ବିଷୟବସ୍ତୁ, ଅଭିନୟ, ସଂଳାପ ଆଦି ସମ୍ବନ୍ଧରେ ଉପଯୁକ୍ତ ପ୍ରତିପୁଷ୍ଟି ଦେବା । ନାଟକରେ ବ୍ୟବହୃତ ବେଶଭୂଷା କୌଣସି ନାଟକ କମ୍ପାନୀର ନ ହୋଇପାରେ କିନ୍ତୁ ନାଟକର ଆବଶ୍ୟକ ଅନୁସାରେ ପେଶାଦାର ନାଟକ ତୁଳନାରେ କିଛି ମାତ୍ରାରେ ସାଧାରଣ ଭାବେ ଉନ୍ନତ କରାଯାଇପାରିବ ।

କିଛି ନାଟକ କାର୍ଯ୍ୟ ଅଭିମୁଖୀ ଥିବା ବେଳେ ଆଉ କେତେକ ସଂଳାପ ଅଭିମୁଖୀ । ବିଦ୍ୟାଳୟରେ ମିଳୁଥିବା ନାଟକର ବିଷୟବସ୍ତୁ ଏବଂ ଉପଲବ୍ଧ ଅଭିନେତା ଅଭିନେତ୍ରୀଙ୍କ ପ୍ରକାର ଆଧାରରେ ସିଦ୍ଧାନ୍ତ ନେବାକୁ ହେବ । ତାହା ଅନୁସାରେ ନାଟକର ବିଷୟ ନିର୍ଣ୍ଣୟ ହେବା ଉଚିତ୍ ।

ଟିପ୍ପଣୀ

ଶିକ୍ଷକଙ୍କୁ କୌଣସି ନାଟକର ମଞ୍ଚ ପ୍ରସ୍ତୁତ କରିବା ପୂର୍ବରୁ ଖର୍ଚ୍ଚର ଆକଳନ, ସମୟର ଉପଲବ୍ଧି ଏବଂ ବିଦ୍ୟାଳୟର ଦର୍ଶନକୁ ଧ୍ୟାନ ଦେବାକୁ ହେବ ।

- ଅଧିକାଂଶ ନାଟକ ମଞ୍ଚସ୍ଥ ପାଇଁ ପ୍ରକୃତ ଲେଖକଙ୍କଠାରୁ ଅନୁମତି ନେବାକୁ ପଡିଥାଏ । ସୌଜନ୍ୟବୋଧ ଆବଶ୍ୟକ କରେ ଯେ ଲେଖକଙ୍କୁ ଅଗ୍ରୀମ ଅନୁରୋଧ କରିବାକୁ ହେବ ଏବଂ ଯଦି ରୋୟାଲିଟି ଥାଏ, ତେବେ ଲେଖକଙ୍କୁ ପାଉଣା ଦେବାକୁ ପଡିଥାଏ ।

- ଏହା ଉପଦେଶଯୋଗ୍ୟ ଯେ ନାଟକର ପାଣ୍ଡୁଲିପି (ହସ୍ତଲିପି) ଶିକ୍ଷାର୍ଥୀ ମାନଙ୍କୁ ଅନ୍ତର୍ଭୁକ୍ତ କରି ତୁମକୁ ଲେଖିବା ଦରକାର । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆପଣାର ଭାବ ବୃଦ୍ଧି ସହିତ ନାଟକ ଲେଖିବାର କୌଶଳ ବିକଶିତ କରେ ।

**ନିଜ ଅଗ୍ରଗତି ଆକଳନ – ୨**

ନାଟକର ବୈଶିଷ୍ଟ୍ୟଗୁଡିକୁ ତାଲିକା କର ।

.......................................................................................................

.......................................................................................

ସ୍ୱଳ୍ପ ଓ ବିନା ମୂଲ୍ୟର ଏକ ନାଟକ କିପରି ଶିକ୍ଷକ ପ୍ରସ୍ତୁତ କରିପାରିବେ ?

.......................................................................................................

.......................................................................................

ଭୂମିକା ଅଭିନୟଠାରୁ ନାଟକ କିପରି ଭିନ୍ନ ଅଟେ ?

.......................................................................................................

.......................................................................................

**ଶିକ୍ଷଣ କାର୍ଯ୍ୟ – ୭**

ନାଟକୀୟ ଉପାଦାନ ଥିବା ଅଧ୍ୟାୟଗୁଡିକୁ ବାଛ ।

ଗୋଟିଏ ବିଷୟବସ୍ତୁକୁ ବାଛ ଏବଂ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣକୁ ଦୃଢିକରଣ କରିବା ପାଇଁ ତୁମେ କିପରି ଅଭିନୟକୁ ସଂଗଠିତ କରିବ ଲେଖ ?

.......................................................................................................

............................................... ...........................................

### ୭.୪.୪ ସହଯୋଗୀ ଶିକ୍ଷଣ

ସହଯୋଗୀ ଶିକ୍ଷଣ ଏକ ସଫଳ ଶିକ୍ଷାଦାନ କୌଶଳ ଯେଉଁଥିରେ ଭିନ୍ନଭିନ୍ନ ସାମର୍ଥ୍ୟ ସ୍ତରର ଶିକ୍ଷାର୍ଥୀଙ୍କ ଛୋଟଛୋଟ ଦଳ ଏକ ବିଷୟରେ ସେମାନଙ୍କ ଅବବୋଧର ବିକାଶ ନିମିତ୍ତ ବିବିଧ ଶିକ୍ଷଣ କାର୍ଯ୍ୟ ସବୁର ବ୍ୟବହାର କରିଥାନ୍ତି । ଗୋଟିଏ ଦଳର ପ୍ରତ୍ୟେକ ସଦସ୍ୟ କେବଳ ଶିକ୍ଷା ଦିଆଯାଇଥିବା ଶିକ୍ଷଣର ଦାୟିତ୍ୱ ବହନ କରନ୍ତି ନାହିଁ ବରଂ ଦଳର ପ୍ରତ୍ୟେକ ସାଥିକୁ ଶିଖିବାରେ ସାହାଯ୍ୟ କରିବା ପାଇଁ ଆଗଭର ହୁଅନ୍ତି । ତେଣୁ ଏହା ଉପଲବ୍ଧିର ପରିବେଶ୍ ସୃଷ୍ଟି କରେ । ଶିକ୍ଷାର୍ଥୀମାନେ ନ୍ୟସ୍ତ କାର୍ଯ୍ୟ ମାଧ୍ୟମରେ କାର୍ଯ୍ୟ କରନ୍ତି ଯେ ପର୍ଯ୍ୟନ୍ତ ଦଳର ସମସ୍ତ ସଭ୍ୟ ସଫଳତାର ସହ ବୁଝନ୍ତି ଓ ଦିଆଯାଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରନ୍ତି ।

ପାରସ୍ପରିକ ଉପକାର ନିମିତ୍ତ ଅଂଶଗ୍ରହଣକାରୀଙ୍କ ପ୍ରଚେଷ୍ଟା କରିବାରେ ସହଯୋଗୀ ପ୍ରୟାସଗୁଡିକ ଫଳ ଦେଇଥାଏ ଯଦ୍ୱାରା ଦଳର ପ୍ରତ୍ୟେକ ସଦସ୍ୟ –

- ପରସ୍ପରର ପ୍ରଚେଷ୍ଟାରୁ ଲାଭବାନ ହୁଅନ୍ତି । (ତୁମର ସଫଳତା ମୋ ପାଇଁ ଲାଭଦାୟକ ଓ ମୋର ସଫଳତା ତୁମମାନଙ୍କ ଲାଭ ଦିଏ ।)
- ମାନିବାକୁ ହୁଏ ଯେ ଦଳର ସମସ୍ତ ସଦସ୍ୟଙ୍କର ଗୋଟିଏ ଭାଗ୍ୟକୁ ଭୋଗନ୍ତି । (ଆମେ ସମସ୍ତେ

ବୁଡିବା ଅବା ସମସ୍ତେ ଏକତ୍ର ପହଁରିବା)

- ଜାଣିବାକୁ ହୁଏ ଯେ ଦଳର ଯେକୌଣସି ବ୍ୟକ୍ତିର ପ୍ରଦର୍ଶନ ପାରସ୍ପରିକ ରୂପରେ ନିଜେ ଏବଂ ଅନ୍ୟ ସଦସ୍ୟମାନଙ୍କର କାରଣ ଅଟେ । (ଆମେମାନେ ତୁମମାନଙ୍କ ବିନା କରିପାରିବୁ ନାହିଁ ।)
- ଯେତେବେଳେ ଦଳର ଜଣେ ସଦସ୍ୟ ଉପଲବ୍ଧି ପାଇଁ ସ୍ୱୀକୃତି ପାଆନ୍ତି ଗର୍ବ ଅନୁଭବ କରୁ ଓ ମିଳିମିଶି ପାଳନ କରୁ ।



ଟିପ୍ପଣୀ

**ସହଯୋଗୀ ଶିକ୍ଷଣର ଉପାଦାନ ସମୂହ**

ସ୍ନେହର/ଆଦାରର ଶିକ୍ଷକ ଏହା କେବଳ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ଯେ ପ୍ରତିଯୋଗୀ ଏବଂ ବ୍ୟକ୍ତିଗତ ପ୍ରଚେଷ୍ଟାଗୁଡ଼ିକ ତୁଳନାରେ ସହଯୋଗୀ ପ୍ରୟାସ ଅଧିକ ଫଳପ୍ରଦ ହେବା ଆଶା କରାଯାଇପାରେ । ଏହି ସର୍ତ୍ତଗୁଡ଼ିକ ହେଲା:-

**କ) ସକାରାତ୍ମକ ଆନ୍ତଃ ନିର୍ଭରଶୀଳତା**

ଦଳର ପ୍ରତ୍ୟେକ ସଦସ୍ୟର ଚେଷ୍ଟାର ଆବଶ୍ୟକତା ଦରକାର ଏବଂ ଦଳର ସଫଳତା ପାଇଁ ଏହା ଅତ୍ୟାବଶ୍ୟକ ଅଟେ । ନିଜର ସମ୍ବଳ ସମୂହ / ଭୂମିକା ଏବଂ କାର୍ଯ୍ୟ ସଂପାଦନ ଦାୟିତ୍ୱ ହେତୁ ମିଳିତ ପ୍ରଚେଷ୍ଟା ପାଇଁ ପ୍ରତ୍ୟେକ ସଦସ୍ୟଙ୍କର ଅଦ୍ୱିତୀୟ ଅବଦାନ ରହିଛି ।

**ଖ) ମୁହାଁମୁହିଁ ପାରସ୍ପରିକ ପ୍ରତିକ୍ରିୟା**

କାର୍ଯ୍ୟଟିକୁ କିପରି କରିବାକୁ ହେବ ଶିକ୍ଷକଙ୍କୁ କହିବାକୁ ହେବ ଏବଂ ଶିଖିଥିବା ପ୍ରତୀୟକୁ ଆଲୋଚନା କରି ସେମାନଙ୍କ ବୋଧଗମ୍ୟତାକୁ ତଦାରଖ କରିବାକୁ ହେବ । ନୂତନ ଶିକ୍ଷଣ ସହ ଅତୀତ ଶିକ୍ଷଣକୁ ଯୋଡିବାର ଆବଶ୍ୟକତା ରହିଛି ।

**ଗ) ବ୍ୟକ୍ତିଗତ ଏବଂ ଦଳଗତ ଉତ୍ତର ଦାୟିତ୍ୱ**

ଶିକ୍ଷକ ଦଳକୁ କ୍ଷୁଦ୍ରରୁ କ୍ଷୁଦ୍ରତର (ଛୋଟ) ରଖିବା ଦରକାର । ଯେପରିକି ଦଳ ଯେତେ ଛୋଟ ହୋଇପାରିବ ସେତିକି ବ୍ୟକ୍ତିଗତ ଉତ୍ତର ଦାୟିତ୍ୱ ରହିବ । ଏହା ମଧ୍ୟ ଅତି ଆବଶ୍ୟକ ଯେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଶିକ୍ଷଣ ଉପସ୍ଥାପନ କରିବାକୁ କହି ସେମାନଙ୍କୁ ମୌଖିକ ରୂପରେ ପରୀକ୍ଷା କରିବା ଦରକାର । ଯେତେବେଳେ ଶ୍ରେଣୀ କିଛି ସନ୍ଦେହ ଅନୁଭବ କରେ ତେବେ ସମଗ୍ର ଦଳ ଉତ୍ତର ପଛରେ ଥିବା ଯୁକ୍ତି ଯୁକ୍ତତାକୁ ଶ୍ରେଣୀ ଆଗରେ ବର୍ଣ୍ଣନା କରିବାକୁ ପ୍ରସ୍ତୁତ ହେବା ଉଚିତ ।

**ଘ) ପାରସ୍ପରିକ ଏବଂ କ୍ଷୁଦ-ଦଳ-ଦକ୍ଷତା**

ସମାଜିକ ଦକ୍ଷତା ଯଥା, ନେତୃତ୍ୱ ନେବା, ନିଷ୍ପତ୍ତି ଗ୍ରହଣ, ବିଶ୍ୱାସ ଭାଜନ ହେବା ଯୋଗାଯୋଗ ଓ ସଂଘର୍ଷ ପରିଚାଳନା ଆଦି ଦକ୍ଷତା ଶିକ୍ଷାର୍ଥୀଙ୍କ ମଧ୍ୟରେ ବୃଦ୍ଧି କରାଯିବା ଉଚିତ୍ ।

**ଙ) ଦଳଗତ ପ୍ରକ୍ରିୟା**

ଦଳର ସଦସ୍ୟମାନେ ଆଲୋଚନା କରିବା ଉଚିତ୍ ଯେ କେତେ ଭଲ ଭାବରେ ସେମାନଙ୍କ ନିଜର ଲକ୍ଷ୍ୟକୁ ହାସଲ କରୁଛନ୍ତି ଏବଂ ଫଳପ୍ରଦ କାର୍ଯ୍ୟରତ ସଂପର୍କକୁ ବଜାଇ ରଖିଛନ୍ତି ତାହା ଆଲୋଚନା କରନ୍ତି । କେଉଁ କାର୍ଯ୍ୟଧାରାଗୁଡ଼ିକ ସଦସ୍ୟମାନଙ୍କ ପାଇଁ ସାହାଯ୍ୟକାରୀ ଏବଂ କେଉଁ ଗୁଡିକ ନୁହେଁ ତାହା ମଧ୍ୟ ସେମାନେ ଆଲୋଚନା କରନ୍ତି । ବ୍ୟବହାର ଚାଲୁରଖିବା ବା ପରିବର୍ତ୍ତନ କରିବାରେ ଏହା ବ୍ୟବହାର ପ୍ରତିଫଳରେ ସାହାଯ୍ୟ କରେ ।

**ସହଯୋଗୀ ଶିକ୍ଷଣର ଉପକାରୀତା**

ନିମ୍ନରେ କେତେକ ସହଯୋଗୀ ଶିକ୍ଷଣର ଉପକାରିତା ବିଷୟରେ ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଲା

- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଓ ଶୈକ୍ଷିକ ଉପଲବ୍ଧିର ବିକାଶ କରେ ।
- ଶିକ୍ଷାର୍ଥୀମାନଙ୍କ ଅବଧାରଣ ବୃଦ୍ଧି କରେ
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିଜ୍ଞତା ସହି ସନ୍ତୋଷତାର ଅଭିବୃଦ୍ଧି କରେ ।

ଟିପ୍ପଣୀ

- ମୌଖିକ ଯୋଗାଯୋଗରେ ଶିକ୍ଷାର୍ଥୀମାନଙ୍କ ଦକ୍ଷତାର ବିକାଶ ନିମନ୍ତେ ସହାୟତା ପ୍ରଦାନ କରେ ।
- ଶିକ୍ଷାର୍ଥୀଙ୍କର ସମାଜିକ ଦକ୍ଷତାର ବୃଦ୍ଧି କରେ
- ଶିକ୍ଷାର୍ଥୀର ଆତ୍ମସମ୍ମାନବୋଧର ବିକାଶ କରେ ।
- ସକରାତ୍ମକ ଦୌଡ (ପ୍ରତିଯୋଗିତା) ସଂପର୍କର ପ୍ରୋତ୍ସାହନ ପାଇଁ ସାହାଯ୍ୟ କରେ ।

ଦୃଷ୍ଟାନ୍ତ: ପ୍ରସଙ୍ଗ : ଜଳ

ତୁମେ ବିଷୟବସ୍ତୁଗୁଡ଼ିକୁ ଚିହ୍ନଟ କରିପାରିବ, ଯେପରି – ଦଳର ଉତ୍ସ, ଜଳ ପ୍ରଦୂଷଣର କାରଣ, ପ୍ରଦୂଷଣରୁ ଜଳ ସଂଚୟର ବିଭିନ୍ନ ପନ୍ଥା, ଜଳ ସଂରକ୍ଷଣ, ଜଳର ବ୍ୟବହାର ।

- ସମସ୍ତ ଉପ-ବିଷୟବସ୍ତୁକୁ ନେଇ ଶ୍ରେଣୀକୁ ଦଳରେ ବିଭକ୍ତ କର ।
- ଦଳକୁ ଉପ-ବିଷୟ ବସ୍ତୁର ଚୟନ ନିମନ୍ତେ ସୁଯୋଗ ପ୍ରଦାନ ।
- ସମୟ ଅବଧି ଘୋଷଣା କର ।
- ପ୍ରତ୍ୟେକ ଦଳ ପୃଥକ ଭାବେ ବସନ୍ତୁ ଏବଂ ନିର୍ଦ୍ଧାରିତ ଉପ-ବିଷୟବସ୍ତୁ ଉପରେ କାର୍ଯ୍ୟ କରନ୍ତୁ ।
- ସମୟ ଅବଧି ଶେଷରେ ସେମାନେ ନିଜ ନିଜ ସ୍ଥାନରେ ବସନ୍ତୁ ।
- ଉପସ୍ଥାପନ ଓ ଆଲୋଚନା ନିମନ୍ତେ ସୁଯୋଗ ପ୍ରଦାନ କର ।

**ଶିକ୍ଷଣ କାର୍ଯ୍ୟ -୮**

ସହଯୋଗୀ ଶିକ୍ଷଣ ମାଧମରେ ପଢାଇବାକୁ ଥିବା ପ୍ରସଙ୍ଗ ବାଛ । ପ୍ରସଙ୍ଗଟିର ଶିକ୍ଷାଦାନ ପାଇଁ ସହଯୋଗୀ ଶିକ୍ଷଣ କାର୍ଯ୍ୟକୁ ପରିଚାଳନ କର ।

**ନିଜ ଅଗ୍ରଗତି ଆକଳନ - ୩**

୧. ସହଯୋଗୀ ଶିକ୍ଷଣ କ'ଣ ?

..................................................................................................................................

..................................................................................................................................

୨. ସହଯୋଗୀ ଶିକ୍ଷଣର ମୌଳିକ ଅଂଶଗୁଡ଼ିକର ତାଲିକା ପ୍ରସ୍ତୁତ କର ।

..................................................................................................................................

..................................................................................................................................

୩. ସହଯୋଗୀ ଶିକ୍ଷଣର ଯେକୌଣସି ୪ଟି ଉପକାରିତା ବିଷୟରେ ଲେଖ ।

..................................................................................................................................

..................................................................................................................................

**୭.୪.୫ ପ୍ରତ୍ୟୟ ଚିତ୍ରଣ**

ଅର୍ଥପୂର୍ଣ୍ଣ ଶିକ୍ଷଣ ଶିକ୍ଷାଦାନର ଉଦ୍ଦେଶ୍ୟଗୁଡିକରୁ ଗୋଟିଏ ଅଟେ । ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣର ଉନ୍ନତି ପାଇଁ ଅନେକ ପ୍ରୟାଶ କରାଯାଇଛି । ସେହିଭଳି ଗୋଟିଏ ପ୍ରୟାସ ହେଲା ଅନେକଗୁଡ଼ିଏ ଶୈକ୍ଷିକ କୌଶଳର ପ୍ରୟୋଗ ନିମିତ୍ତ ଚେଷ୍ଟା କରିବା । ସେଥିମଧ୍ୟରୁ ପ୍ରତ୍ୟୟ ଚିତ୍ରଣ ଗୋଟିଏ । ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧାରଣାତ୍ମକ ବୁଝାମଣାର ବିକାଶ ସହିତ ସମସ୍ତ ପ୍ରତ୍ୟୟ ମଧ୍ୟରେ ଆନ୍ତଃ ସଂପର୍କର ବିକାଶରେ ସାହାଯ୍ୟ କରେ । ଏହା ଏକ ପ୍ରକ୍ରିୟା ଯାହା ଏକ ପ୍ରତ୍ୟୟ ଚିତ୍ରଣରେ ପରିଣାମସ୍ୱରୂପ ପ୍ରତିଫଳିତ ହୁଏ ।

**ଏକ ପ୍ରତ୍ୟୟ ଚିତ୍ରଣର ବୈଶିଷ୍ଟ୍ୟ ସମୂହ**

କ) ପ୍ରତ୍ୟୟ ଚିତ୍ରଣ ରେଖାଚିତ୍ର ଭାବେ ପ୍ରତିନିଧିତ୍ୱ କରେ, ଯାହା ଧାରଣାଗୁଡ଼ିକ ମଧ୍ୟରେ ଅବ୍ୟୟ ସୂଚକ ସମ୍ବନ୍ଧ ଆକାରରେ ଅର୍ଥପୂର୍ଣ୍ଣ ସଂପର୍କକୁ ପ୍ରଦର୍ଶିତ କରେ ।

ଖ) ଅବ୍ୟୟ ସୂଚକ ସମ୍ବନ୍ଧ ପ୍ରତ୍ୟୟ ମଧ୍ୟରେ ଥିବା ସଂଯୋଗକୁ ବର୍ଣ୍ଣନା କରିଥାଏ ।

ଗ) ସାଧାରଣତଃ ପ୍ରତ୍ୟୟଗୁଡ଼ିକ ଏକ ବୃତ୍ତ କିମ୍ବା ବାକ୍ସ ମଧ୍ୟରେ ଲେଖାଯାଏ, ସଂଯୋଗୀ ଶବ୍ଦଗୁଡ଼ିକ ସହ ରେଖା ଦ୍ୱାରା ସଂଯୋଗ କରାଯାଇଥାଏ ।

ଘ) ପ୍ରତ୍ୟୟଗୁଡ଼ିକ ଏକ ପଦାନୁକ୍ରମିକ କ୍ରମରେ ଉପରୁ ତଳ ପର୍ଯ୍ୟନ୍ତ ସଜ୍ଜୀକୃତ କରାଯାଇଥାଏ, ଶୀର୍ଷରେ ସବୁଠାରୁ ସାଧାରଣ (ମୁଖ୍ୟ) ଧାରଣାକୁ ରଖି ତଳକୁ ତଳ ଆସିଥାଏ ।

ଙ) ପରେ ପ୍ରତ୍ୟୟଗୁଡ଼ିକୁ ଏକତ୍ର ସଂପର୍କିତ କରିବା ପାଇଁ ସଂଯୋଗ ମଧ୍ୟ କରାଯାଇପାରିବ ।

ଚ) ବିଷୟ ସାରା ଧାରଣାଗୁଡ଼ିକ ସମନ୍ୱିୟ ପ୍ରଦର୍ଶନ ମଧ୍ୟ ସମ୍ଭବ ହୋଇଥାଏ ।

ମୁଁ ଏକ ପ୍ରତ୍ୟୟ ଚିତ୍ରଣର ବୈଶିଷ୍ଟ୍ୟଗୁଡ଼ିକ ଦେଖାଉଛି ।




ଚିତ୍ର-୧ ଗୋଟିଏ ପ୍ରତ୍ୟୟ ଚିତ୍ରଣର ବୈଶିଷ୍ଟ୍ୟ ସମୂହ

ପ୍ରତ୍ୟୟ ଚିତ୍ରଣରେ ସୋପାନ ସମୂହ : ଗୋଟିଏ ପ୍ରତ୍ୟୟ ଚିତ୍ରଣ ଗଠନରେ ନିମ୍ନ ସୋପାନଗୁଡ଼ିକ ଅନୁସୃତ ହୋଇଥାଏ । ପ୍ରତ୍ୟୟ ଚିତ୍ରଣର ପ୍ରତ୍ୟେକ ସ୍ତରରେ ଛାତ୍ରମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଯୋଗ୍ୟ ଅଟେ ।

ସୋପାନ ୧: କୌଣସି ଏକ ମନୋନୀତ ଏକକ/ଅଧ୍ୟାୟରୁ ପ୍ରତ୍ୟୟଗୁଡ଼ିକୁ ଚିହ୍ନଟ କର । କଳାପଟାରେ ସେଗୁଡ଼ିକର ତାଲିକା କର ।

ସୋପାନ ୨: ପଦାନୁକ୍ରମରେ ପ୍ରତ୍ୟୟଗୁଡ଼ିକୁ ଉପରୁ ତଳକୁ ସାଧାରଣରୁ ନିର୍ଦ୍ଦିଷ୍ଟ ରୂପରେ ବ୍ୟବସ୍ଥିତ କର ।

ସୋପାନ ୩: ପରେ ସ୍ଥାନିତ କରିବାକୁ ଥିବା ପ୍ରତ୍ୟୟଗୁଡ଼ିକୁ ଚୟନ କର ।

ସୋପାନ ୪: କଳାପଟାରେ ଅର୍ଥପୂର୍ଣ୍ଣ ଭାବେ ସମସ୍ତ ପ୍ରତ୍ୟୟଗୁଡ଼ିକୁ ରଖ / ଲେଖ ।

ସୋପାନ ୫: ପ୍ରତ୍ୟୟଗୁଡ଼ିକ ଚାରିପାଖରେ ବୃତ୍ତ/ବାକ୍ସ ତିଆରି କର ଏବଂ ପ୍ରତ୍ୟୟଗୁଡ଼ିକୁ ଯୋଡିବା ନିମନ୍ତେ ରେଖାଗୁଡ଼ିକୁ ଟାଣ ।

ସୋପାନ ୭:ସମଗ୍ର ପ୍ରତ୍ୟୟ ଚିତ୍ରଣକୁ ପଢ଼ ଏବଂ ସମସ୍ତ ସଂଯୋଗଗୁଡ଼ିକ ସଂପର୍କିତ ଶବ୍ଦ ସହିତ ଅଛନ୍ତି ।

ଯଦି ପ୍ରତ୍ୟୟ ଚିତ୍ରଣ ବହୁତ ଘଞ୍ଚ/ପାଖାପାଖି ଦେଖାଯାଏ ତାହେଲେ ଏହାକୁ ଆଉ ଥରେ ତିଆରି କରାଯାଇପାରିବ । ଛାତ୍ରଛାତ୍ରୀମାନଙ୍କ ସାମିଲ କରି ପ୍ରତ୍ୟୟ ଚିତ୍ରଣ ଅଙ୍କନ କଳାପଟାରେ ସେମାନଙ୍କୁ ନିଜେ କରିବା ପାଇଁ ଉତ୍ସାହିତ କରାଯାଇ ପାରେ । ଆରମ୍ଭ କରିବା ପାଇଁ ସେମାନେ ଏକ ଅସମ୍ପୂର୍ଣ୍ଣ ପ୍ରତ୍ୟୟ ଚିତ୍ରଣକୁ ସଂପୂର୍ଣ୍ଣ କରିପାରିବେ । ପରେ ସେମାନଙ୍କୁ ନିଜର ଏକ ପ୍ରତ୍ୟୟ ଚିତ୍ରଣ ତିଆରି କରିବା ପାଇଁ କୁହାଯାପାରିବ । ଚିତ୍ର-୨ ଶିଳ୍ପର ପ୍ରକାର ଉପରେ ଏକ ପ୍ରତ୍ୟୟ ଚିତ୍ରଣ ପ୍ରଦର୍ଶନ କରେ ।

ଟିପ୍ପଣୀ




**ଚିତ୍ର – ୨ ଶିଳ୍ପର ପ୍ରକାର ଉପରେ ଗୋଟିଏ ପ୍ରତ୍ୟୟ ଚିତ୍ରଣ**

ପ୍ରତ୍ୟୟ ଚିତ୍ରଣ ବ୍ୟବହାର : ପାଠର ଯେକୌଣସି ସ୍ତରରେ ଗୋଟିଏ ପ୍ରତ୍ୟୟ ଚିତ୍ରଣକୁ ବ୍ୟବହାର କରାଯାଇ ପାରିବ । ଯେତେବେଳେ ଏହା ଉପକ୍ରମ ସ୍ତରରେ ବ୍ୟବହାର କରାଯାଏ । ଛାତ୍ରଛାତ୍ରୀମାନେ ଶିଖିବାକୁ ଥିବା ବିଷୟରେ ଏକ ସଂପୂର୍ଣ୍ଣ ଚିତ୍ର ପାଇଥାନ୍ତି । ଯଦି ଏହା ବିକଶିତ / ଉପସ୍ଥାପନ ସ୍ତରରେ ବ୍ୟବହାର କରାଯାଏ ତେବେ ଶିକ୍ଷାର୍ଥୀମାନଙ୍କୁ ସହଜରେ ଗୋଟିଏ ପ୍ରତ୍ୟୟରୁ ଆଉ ଗୋଟିଏ ପ୍ରତ୍ୟୟକୁ ନିଆଯାଇପାରିବ । ଯେତେବେଳେ ଏହା ମୂଲ୍ୟାଙ୍କନ ସ୍ତରରେ ବ୍ୟବହାର ହେବ, ଏହା ଛାତ୍ରଛାତ୍ରୀମାନଙ୍କର ବୁଝାମଣାର ସ୍ତରକୁ ଆକଳନ କରିପାରିବ । ଶିକ୍ଷାର୍ଥୀମାନେ ଶିଖିଥିବା ବିଷୟଗୁଡିକୁ ସଂକ୍ଷିପ୍ତ କରିବାରେ ଏଗୁଡିକ ସେମାନଙ୍କୁ ସାହାଯ୍ୟ କରେ ।

**ନିଜ ଅଗ୍ରଗତି ଆକଳନ – ୪**

ପ୍ରତ୍ୟୟ ଚିତ୍ରଣ ମାନଚିତ୍ର କ'ଣ ?

.................................................................................................................

.................................................................................................................

ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣର ଆକଳନ ନିମିତ୍ତ ତୁମେ କିପରି ପ୍ରତ୍ୟୟ ଚିତ୍ରଣ ବ୍ୟବହାର କରିବ ବର୍ଣ୍ଣନା କର ?

.................................................................................................................

.................................................................................................................

**ଶିକ୍ଷଣ କାର୍ଯ୍ୟ – ୯**

ଚିତ୍ର–୨କୁ ଅଧ୍ୟୟନ କର ଏବଂ ସେହି ପ୍ରତ୍ୟୟ ଚିତ୍ରଣର ୧,୨ ଏବଂ ୩ ସୋପାନକୁ ନେଇ କାର୍ଯ୍ୟ କର । ତୁମ ପସନ୍ଦର ଯେକୌଣସି ବିଷୟଟିଏ ବାଛ ଏବଂ ପ୍ରତ୍ୟୟ ଚିତ୍ରଣର ସବୁ ସୋପାନଗୁଡିକୁ ଅନୁସରଣ କର ଏବଂ ଗୋଟିଏ ପ୍ରତ୍ୟୟ ଚିତ୍ରଣ ତିଆରି କର ।

.................................................................................................................

.................................................................................................................

**୭.୪.୬ ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ**

ଜ୍ଞାନ ଗତିଶୀଳ ଏବଂ ସର୍ବଦା ପ୍ରସାରଣଶୀଳ ଅଟେ । କେଉଁଟି ଆବଶ୍ୟକ ଓ କେଉଁଟି ନୁହେଁ କେଉଁଟି ଠିକ୍ କେଉଁଟି ଭୁଲ୍ ତାହା ପରୀକ୍ଷା କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ ଅଟେ । ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ବର୍ତ୍ତମାନର ଶିକ୍ଷା ପ୍ରଣାଳୀକୁ ନମନୀୟ ବୋଲି ଚିହ୍ନଟ କରେ ନାହିଁ । ଏହା ଏହି ଶିଶୁମାନଙ୍କର ଅନୁଭୂତି ଠାରୁ ଅଲଗା ଅଟେ, ଯାହା ସୃଜନଶୀଳତା ନିର୍ଣ୍ଣାୟକ ଚିନ୍ତନ ଏବଂ ଶିଶୁମାନଙ୍କର ଅନ୍ତର୍ଦୃଷ୍ଟିକୁ ନିରୁତ୍ସାହିତ କରେ ।

ଯେହେତୁ ସମାଜ ଅଧିକ ଜଟିଳ ହେଉଛି, ଏହିଭଳି ସମାଜକୁ ସାମ୍ନା କରିବା ପାଇଁ ଶିଶୁମାନଙ୍କୁ ପ୍ରସ୍ତୁତ କରିବା ଆବଶ୍ୟକ ନିର୍ଣ୍ଣାୟକ ଶିକ୍ଷାବିଜ୍ଞାନ ଶିଶୁମାନଙ୍କୁ ସେମାନଙ୍କର ମତ ପରିପ୍ରକାଶ କରିବା ଏବଂ ସମସ୍ୟାକୁ ସାମଧାନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରେ । ଏପରି ପ୍ରକ୍ରିୟାର ନିଜ ସହିତ ସମାଜର ପରିବର୍ତ୍ତନକୁ ଆଗେଇ ନେବ ।

ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ ଏକ ଶିକ୍ଷଣ ପନ୍ଥା ଯାହା ପ୍ରଶ୍ନ ଓ ଆହ୍ୱାନର ପ୍ରଭାବ ବିସ୍ତାର, ବିଶ୍ୱାସ ଏବଂ ଅଭ୍ୟାସ ସମୂହ ପାଇଁ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବାକୁ ପ୍ରଚେଷ୍ଟା କରେ ଯାହା ସେମାନଙ୍କୁ ପ୍ରଭାବିତ କରିଥାଏ । ଏହା ଶିକ୍ଷାର୍ଥୀମାନଙ୍କୁ ନିର୍ଣ୍ଣାୟକ ସଚେତନତା ହାସଲରେ ସାହାଯ୍ୟ କରେ । ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ରେ ପ୍ରତିଫଳିତ ହୋଇଥିବା ଭଳି ସମସ୍ୟାଗୁଡିକୁ ସେମାନଙ୍କ ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ଆଧାତ୍ମିକ ଦିଗ ଆକାରରେ ନିର୍ଣ୍ଣାୟକ ଭାବେ ପ୍ରତିଫଳନ ନିମିତ୍ତ ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ ସୁଯୋଗ ପ୍ରଦାନ କରେ । ଏହା ସାମାଜିକ ସମସ୍ୟାଗୁଡିକ ଉପରେ ବହୁବିଧ ମତଗୁଡିକୁ ଗ୍ରହଣୀୟତା ଏବଂ ପାରସ୍ପରିକ କ୍ରିୟା ପ୍ରତିକ୍ରିୟାର ଗାଣତାନ୍ତ୍ରିକ ରୂପର ପ୍ରତିଶ୍ରୃତିକୁ ଆବଶ୍ୟକ ମନେକରେ ।

ଗୋଟିଏ ଶ୍ରେଣୀରେ ନିମ୍ନୋକ୍ତ ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନରେ ତୁମେ ସୋପାନଗୁଡିକୁ ଅନୁସରଣ କରିପାରିବ ଯାହା –

କ) ସମସ୍ୟାକୁ ନିର୍ଣ୍ଣାୟକ ଭାବେ ବିଶ୍ଳେଷଣ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ନିମିତ୍ତ ସର୍ବୋତ୍ତମ ସୁଯୋଗ ସୃଷ୍ଟି କରିବା ।

ଖ) ସମସ୍ୟାକୁ ଶ୍ରେଣୀରେ ଘୋଷଣା କରିବା ଏବଂ ଆଲୋଚନା ପାଇଁ ଏକ ତାରିଖ ସ୍ଥିର କରିବା ।

ଗ) ବହୁ ପୂର୍ବରୁ ସମସ୍ୟା ସଂପର୍କିତ ସୂଚନା ସଂଗ୍ରହ ପାଇଁ ତୁମେ ମଧ୍ୟ ସେମାନଙ୍କୁ କହିପାର ।

ଘ) ଯେତେବେଳେ ଶିକ୍ଷାର୍ଥୀମାନେ ସମସ୍ୟାର ସପକ୍ଷ ଓ ବିପକ୍ଷରେ ମତ ପ୍ରଦାନ କରନ୍ତି ଓ ପ୍ରଶ୍ନଗୁଡିକର ଆଲୋଚନା କରନ୍ତି, ସେଥିପାଇଁ ସେମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ହେବ ।

ଅନୁସରଣ କରିବାକୁ ଥିବା ପ୍ରସ୍ତାବିତ ସୋପାନ ସମୂହର ଦୃଷ୍ଟାନ୍ତ :

**ପ୍ରସଙ୍ଗ :** ମଣିଷ ଓ ପରିବେଶ

**ଶିକ୍ଷଣ ବିନ୍ଦୁ:** ଜଙ୍ଗଲ କ୍ଷୟର କାରଣ

ଜଙ୍ଗଲ କ୍ଷୟର ପ୍ରଭାବ

ଜଙ୍ଗଲ ସଂରକ୍ଷଣର ଉପାୟ

**ଜଡିତ ସମସ୍ୟା :** ଜଙ୍ଗଲ କ୍ଷୟର ବୃଦ୍ଧି

**ପ୍ରଶ୍ନ :** ଆମେ ଜଙ୍ଗଲ କ୍ଷୟର ବୃଦ୍ଧି ପାଇଁ ଯିବା ଉଚିତ୍ କି ?

**ଭିନ୍ନ ମତାମତ**

**ସପକ୍ଷ :** ସହରୀକରଣ / ଶିଳ୍ପାୟନ / ଖାଦ୍ୟ ଉତ୍ପାଦନ ବୃଦ୍ଧି

**ବିପକ୍ଷ :** ପ୍ରଦୂଷଣ ବୃଦ୍ଧି / ଭୂତଳ ଜଳ କ୍ଷୟ /ପ୍ରକୃତିର ଅସନ୍ତୁଳନତା / ପରିବେଶର ଅବକ୍ଷୟ

**ଆଲୋଚନା ନିମନ୍ତେ ନିର୍ଣ୍ଣାୟକ / ଜଟିଳ ପ୍ରଶ୍ନ**

- ଜଙ୍ଗଲକ୍ଷୟ କରିବା ପାଇଁ ଆମକୁ କ'ଣ ପ୍ରଭାବିତ କରିଛି ?
- ଜଙ୍ଗଲକ୍ଷୟ ବିନା ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତାକୁ ଆମେ କିପରି ପୂରଣ କରିପାରିବା ?
- ଆଦୌ ଜଙ୍ଗଲ ନ ରହିଲେ ପୃଥିବୀ କିପରି ହେବ ?
- ଜଙ୍ଗଲକ୍ଷୟ ମନୁଷ୍ୟଙ୍କୁ କିପରି ପ୍ରଭାବିତ କରିଥାଏ ?
- ଆମେ କେଉଁ ସବୁ ଉପାୟରେ ଜଙ୍ଗଲକୁ ସୁରକ୍ଷିତ କରିପାରିବା ?

ଟିପ୍ପଣୀ

ଶିକ୍ଷକଙ୍କୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସ- ସଂପର୍କରେ କହି ସୂଚନା ସଂଗ୍ରହରେ ସାହାଯ୍ୟ କରିବାକୁ ହେବ । ଉପସଂହାରରେ ପହଞ୍ଚିବା ଜରୁରୀ ନୁହେଁ । ସମାଜରେ ବିଦ୍ୟମାନ ଥିବା ସମସ୍ୟାଗୁଡିକୁ ଗଭୀର ଭାବେ ଅନୁଧାନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ମଞ୍ଚ ସୃଷ୍ଟି କରିବାରେ ଏହି ପନ୍ଥା ଲକ୍ଷ୍ୟ ରଖିଥାଏ ।

ଶିକ୍ଷଣ କାର୍ଯ୍ୟ - ୧୦

ସାମାଜିକ ଓ ରାଜନୈତିକ ଜୀବନରୁ ଏକ ସମସ୍ୟା ବାଛ । ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ ଅନୁସରଣ କରି ଏଥିପାଇଁ ଯୋଜନା କର ।

.....................................................................................................................

.....................................................................................................................

**ନିଜ ଅଗ୍ରଗତି ଆକଳନ - ୫**

୧. ନିର୍ଣ୍ଣାୟକ ଶିକ୍ଷାବିଜ୍ଞାନର ଉଦ୍ଦେଶ୍ୟଗୁଡ଼ିକ କଣ ?

.....................................................................................................................

.....................................................................................................................

୨. ଏହି ପନ୍ଥାରେ ଶିକ୍ଷାର୍ଥୀମାନଙ୍କର ଭୂମିକା କ'ଣ ?

.....................................................................................................................

.....................................................................................................................

## ୭.୪.୭ ସମସ୍ୟା ସମାଧାନ ପଦ୍ଧତି

(ଏହା ନୂଆ ଦିଲ୍ଲୀ ଏନ୍.ସି.ଇ.ଆର୍.ଟି ଶର୍ମା ସନ୍ତୋଷ (୨୦୦୭)ଙ୍କ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ଗଠନାତ୍ମକ ପନ୍ଥା ସମୂହ ଉଦ୍ଧୃତ କରାଯାଇଛି ।)

ସମସ୍ୟା ସମାଧାନ ଏକ ଶୈକ୍ଷିକ କୌଶଳ ଯାହାକି ପ୍ରତ୍ୟୟ ଆଧାରିତ ବୁଝାମଣା ବୃଦ୍ଧି କରିବାରେ ବ୍ୟବହୃତ କରାଯାଏ ଏବଂ ନୂତନ ପରିସ୍ଥିତିରେ ସେହି ବୁଝାମଣାର ସ୍ଥାନାନ୍ତର ଓ ପ୍ରୟୋଗର ସାମର୍ଥ୍ୟକୁ ସୂଚିତ କରେ । ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ଏହି ପଦ୍ଧତିରେ ଶିକ୍ଷାଦାନ କରାଯାଏ ସେମାନଙ୍କର ଯୁକ୍ତିଯୁକ୍ତ ଭାବେ ଚିନ୍ତନ କରିବାର ସୁଯୋଗ ପାଆନ୍ତି ଓ ଚିନ୍ତାଶକ୍ତିର ବିକାଶ କରନ୍ତି । ସମସ୍ୟା ସମାଧାନରେ ଚିନ୍ତନ ହେଉଛି ଏକ ମୌଳିକ ଦକ୍ଷତା ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଅଭିଜ୍ଞତାରୁ ଅର୍ଥ ବାହାର କରିପାରନ୍ତି । ପିଲାମାନଙ୍କୁ ଏକ ସମସ୍ୟାଯୁକ୍ତ ପରିସ୍ଥିତି ଦେଇ ଓ ଏହି ସମସ୍ୟାର ସମାଧାନ ପାଇଁ ସୁଯୋଗ ଦେଇ ଉଭୟ ଚିନ୍ତନଦକ୍ଷତା ଓ ସମସ୍ୟା ସମାଧାନ ପ୍ରକ୍ରିୟାର ଶିକ୍ଷାଦାନ କରାଯାଇପାରିବ ।

**ସମସ୍ୟା ସମାଧାନରେ ସୋପାନ ସମୂହ**

ବହୁତ ଲୋକ ସମସ୍ୟା ସମାଧାନ ପଦ୍ଧତି ଉପରେ କାମ କରିଛନ୍ତି ଏବଂ ସେମାନେ ବିଭିନ୍ନ ସୋପାନ ପ୍ରଦର୍ଶନ କରିଛନ୍ତି । କିନ୍ତୁ କେତେକ ସାଧାରଣ ସୋପାନ ନିମ୍ନରେ ଆଲୋଚନା କରାଯାଇଛି ।

**ସୋପାନ - ୧- ସମସ୍ୟା ଚିହ୍ନଟ କରିବା**

ପ୍ରଥମେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ବାସ୍ତବ ସମସ୍ୟାଟି କ'ଣ ଖୋଜି ବାହାର କରିବାକୁ ପଡିବ । ତାପରେ ସମସ୍ୟାଟିକୁ ବୁଝି ଏହାକୁ ନିଜ ଭାଷାରେ ବର୍ଣ୍ଣନା କରିବାକୁ ହେବ । ସମସ୍ୟାଗୁଡିକ ନିହତିଭାବେ ଶିକ୍ଷାର୍ଥୀମାନଙ୍କର ବର୍ତ୍ତମାନର ଜ୍ଞାନର ସ୍ତର ଓ ଦୈନନ୍ଦିନ ଜୀବନ ସହ ଜଡିତ ହେବା ଆବଶ୍ୟକ ।

**ସୋପାନ -୨ ସମସ୍ୟା ସମାଧାନ ପଦ୍ଧତିର ପରିକଳ୍ପନା କରିବା**

ଶିକ୍ଷାର୍ଥୀମାନେ ସମସ୍ୟାଟିକୁ ଭଲଭାବେ ବୁଝିବାପରେ ସେମାନଙ୍କୁ ସମସ୍ୟା ସମାଧାନର ପ୍ରକ୍ରିୟାଟିକୁ ପରିକଳ୍ପନା କରିବାକୁ ହେବ । ଥରେ ସେମାନେ ସମାଧାନର ପ୍ରଣାଳୀ ଚୟନ କରିବାପରେ ସେମାନେ କାହିଁକି ଏହି ନିର୍ଦ୍ଦିଷ୍ଟ କୌଶଳ ବାଛିଲେ ତାହାକୁ ବର୍ଣ୍ଣନା କରିବାକୁ ହେବ । ପ୍ରତ୍ୟେକ ସୋପାନର ବ୍ୟବସ୍ଥିତ ଯୋଜନା ଓ ବର୍ଣ୍ଣନା

ପିଲାମାନଙ୍କ ମଧ୍ୟରେ ସମସ୍ୟା ସମାଧାନ ପ୍ରକ୍ରିୟା ଦକ୍ଷତା ବିକାଶ କରିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**ସୋପାନ - ୩ - ଯୋଜନାକୁ କାର୍ଯ୍ୟକାରୀ କରିବା**

ସମସ୍ୟା ସମାଧାନ ପଦ୍ଧତିର ପରିକଳ୍ପନା ପରେ ଏହାକୁ କାର୍ଯ୍ୟକାରୀ କରାଯାଇଥାଏ । ଏହି ସୋପାନରେ ଶିକ୍ଷାର୍ଥୀମାନଙ୍କୁ ତଥ୍ୟ ସଂଗ୍ରହ, ସଂଗଠନ ଏବଂ ବିଶ୍ଳେଷଣ କରି ସମାଧାନ କରିବାକୁ ପଡିଥାଏ ।

**ସୋପାନ - ୪ - ସମାଧାନର ମୂଲ୍ୟାୟନ କରିବା**

ଏହା ହେଉଛି ସମସ୍ୟା ସମାଧାନ ପଦ୍ଧତିର ଅନ୍ତିମ ସୋପାନ । ଏହି ସୋପାନରେ ଶିକ୍ଷାର୍ଥୀମାନେ ସମାଧାନ ସପକ୍ଷରେ ଥିବା ସମସ୍ତ ତଥ୍ୟ ଓ ପ୍ରମାଣକୁ ଯାଞ୍ଚ କରିବା ଦରକାର । ଯେତେଦୂର ସମ୍ଭବ ନୂଆ ବା ସମାନ ପରିସ୍ଥିତିରେ ଏହାକୁ ପ୍ରୟୋଗ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ଯାହା ସମାଧାନର ସଠିକତା ଓ ବୈଧତା ସଂପର୍କରେ ଧାରଣା ପ୍ରଦାନ କରିବ ।

ଏହି ପଦ୍ଧତିକୁ ଅନୁସରଣ କରି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଦକ୍ଷତା ଯଥା – ବିଶ୍ଳେଷଣାତ୍ମକ ଚିନ୍ତନ, ନିର୍ଣ୍ଣାୟକ ଚିନ୍ତନ, କାରଣ ଓ ପ୍ରଭାବକୁ ସଂପର୍କିତ କରିବା, ତର୍କ ସଙ୍ଗତ କରିବା, ଯୁକ୍ତି ଯୁକ୍ତ କରିବା, ସାମାଜିକ ମୂଲ୍ୟବୋଧର ବିକାଶ ସହ, ବିଚାର ପ୍ରଦାନ କରିବା । ଶିକ୍ଷକ ଏହି ପ୍ରକ୍ରିୟାରେ ଶିକ୍ଷାର୍ଥୀମାନଙ୍କୁ ସମସ୍ୟା ସମାଧାନ ପ୍ରକ୍ରିୟାରେ ମାର୍ଗଦର୍ଶନ କରିବା ଆବଶ୍ୟକ ।

**ଦୃଷ୍ଟାନ୍ତ**

ସୋପାନ – ୧ : ସମସ୍ୟା ଚିହ୍ନଟ କରିବା

୧୮୫୭ ର ସିପାହୀ ବିଦ୍ରୋହ କାହିଁକି ବିଫଳ ହୋଇଥିଲା ? ଶିକ୍ଷାର୍ଥୀମାନେ ବିଭିନ୍ନ ଉତ୍ସରୁ ବିଦ୍ରୋହ ବିଫଳତାର କାରଣଗୁଡ଼ିକ ସଂଗ୍ରହ କରିବେ ।

ସୋପାନ–୨ : ସମସ୍ୟା ସମାଧାନ ପଦ୍ଧତିର ପରିକଳ୍ପନା କରିବା

ଦଳଗତ କାର୍ଯ୍ୟ ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ ଶ୍ରେଣୀ ସ୍ଥିର କରେ । କେଉଁ କେଉଁ କ୍ଷେତ୍ର ଉପରେ ସେମାନେ କାର୍ଯ୍ୟ କରିବେ ତାହା ସେମାନେ ଚିହ୍ନଟ କରନ୍ତି । ସେହି କ୍ଷେତ୍ରଗୁଡ଼ିକ ହୋଇପାରେ– ଯେପରିକି ସାଧାରଣ ଜନତାଙ୍କ ଭୂମିକା – ବିଦ୍ରୋହରେ ଭୂମିକା ଅଭିନୟ ଓ ଏହାର ପ୍ରଭାବ, ଲୋକମାନେ ବିଦ୍ରୋହ କରିବାର ଉପାୟମାନ – ଲୋକଙ୍କ ମଧ୍ୟରେ ଏକତା ଓ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ପରିସ୍ଥିତିକୁ ଆୟତ କରିବା ପାଇଁ ବ୍ରିଟିଶମାନଙ୍କ ଦ୍ୱାରା ଅନୁସରଣ କରାଯାଇଥିବା ରଣକୌଶଳ ।

ସୋପାନ – ୩ ଯୋଜନାକୁ କାର୍ଯ୍ୟକାରୀ କରିବା

ଏହି ସୋପାନରେ ପ୍ରତ୍ୟେକ ଦଳର ଶିକ୍ଷାର୍ଥୀମାନେ ଏକ କ୍ଷେତ୍ର ଚୟନ କରି ନିଜ ମଧ୍ୟରେ ଆଲୋଚନା କରି ସମସ୍ୟା ସମାଧାନ କରିବେ । ବିଦ୍ରୋହ ସମ୍ବନ୍ଧରେ ଅଧିକ ତଥ୍ୟ ସଂଗ୍ରହ କରିବେ ଓ ଘଟଣାବଳୀ ଚିହ୍ନଟ କରିବେ । ସେମାନେ ପରିସ୍ଥିତିକୁ ବିଶ୍ଳେଷଣ କରି କାରଣ ଓ ପ୍ରଭାବକୁ ଖୋଜି ବାହାର କରିବେ । କ'ଣ ଠିକ୍ ଥିଲା ଓ ବିଦ୍ରୋହର ବିଫଳତା ପାଇଁ କ'ଣ ଭୁଲ ଥିଲା ଏକ ବିବରଣୀ ପ୍ରସ୍ତୁତ କରି ପରିଶେଷରେ ସମାଧାନରେ ପହଞ୍ଚିବେ ।

ସୋପାନ – ୪ ସମାଧାନର ମୂଲ୍ୟାୟନ କରିବା

ଏହି ସୋପାନରେ ପ୍ରତ୍ୟେକ ଦଳ ସମାଧାନ ସହ ନିଜର ବିବରଣୀକୁ ଉପସ୍ଥାପନା କରିବେ । ଏହାପରେ ପୁରା ଶ୍ରେଣୀରେ ସମାଧାନ ଉପରେ ଆଲୋଚନା ଓ ଚିନ୍ତନ କରିବେ । ସେମାନେ ମଧ୍ୟ ସମାନ ପ୍ରକାର ପରିସ୍ଥିତିକୁ ମନେ ପକାଇ ଏହି ସମାଧାନ ସତ୍ୟତାର ଯଥାର୍ଥତା ପ୍ରତିପାଦନ କରିବେ ।

**ଶିକ୍ଷଣ କାର୍ଯ୍ୟ - ୧୧**

**ସମସ୍ୟା : ଦକ୍ଷିଣ ଭାରତରେ କୃଷିକାର୍ଯ୍ୟ ପାଇଁ ମୌସୁମୀ ଉପରେ କୃଷକ ମାନଙ୍କର ନିର୍ଭରଶୀଳତା ।**

ଉପରୋକ୍ତ ସମସ୍ୟା ଉପରେ ଚିନ୍ତା କରିବାରେ ଓ ସମସ୍ୟା ସମାଧାନ ପଦ୍ଧତି ମାଧ୍ୟମରେ ସମାଧାନରେ ପହଞ୍ଚିବାରେ ତୁମେ ପିଲାମାନଙ୍କୁ କିପରି ମାର୍ଗଦର୍ଶନ କରିବ ?

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ-୬**

୧. ସମସ୍ୟା ସମାଧାନ ପଦ୍ଧତିର ଉପଯୋଗିତାଗୁଡ଼ିକ କ'ଣ ?

..............................................................................................................................

..............................................................................................................................

୨. ସମସ୍ୟା ସମାଧାନ ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କର ଭୂମିକା ଗୁଡ଼ିକ ଚିହ୍ନଟ କର ।

..............................................................................................................................

..............................................................................................................................

### ୭.୪.୮ ଅଭିଜ୍ଞତାଭିତ୍ତିକ ଶିକ୍ଷଣ

ଅଭିଜ୍ଞତାଭିତ୍ତିକ ଶିକ୍ଷଣ ଏକ କୌଶଳ ଯାହା ଅଭିଜ୍ଞତା ଦ୍ୱାରା ଶିକ୍ଷଣ ପାଇଁ ବ୍ୟବହାର କରାଯାଏ । ଯେଉଁ ଉପାୟରେ ଅଭିଜ୍ଞତା ହାସଲ କରାଯାଏ ତାହା ଶିକ୍ଷଣର କେନ୍ଦ୍ର ଭାବେ ବିଚାର କରାଯାଏ । ଏହି କୌଶଳ ଜୀବନ ପରିସ୍ଥିତି ସହ କ୍ଷେତ୍ର ଆଧାରିତ ଶିକ୍ଷଣକୁ ଯୋଡିବାରେ ସୁଯୋଗ ଦିଏ । ନୂଆ ଧାରଣା / ପ୍ରତ୍ୟୟଗୁଡିକୁ ବୁଝିବାରେ ଏବଂ ନୂଆ ପ୍ରତ୍ୟୟକୁ ବୈଧ କରିବା ପାଇଁ ପ୍ରତିପୁଷ୍ଟି ବ୍ୟବହାର କରିବାରେ ତୁମେ ଏଠାରେ ବାସ୍ତବ ଅଭିଜ୍ଞତାଗୁଡିକୁ ବ୍ୟବହାର କରିପାରିବ ।

ଏହା ବ୍ୟକ୍ତିର ଶିକ୍ଷଣ ପ୍ରକ୍ରିୟା, ପ୍ରତ୍ୟକ୍ଷ ଅନୁଭୂତିକୁ ଅର୍ଥପୂର୍ଣ୍ଣ କରିବାରେ ଏହା ଏକ ପ୍ରକ୍ରିୟା । ବ୍ୟକ୍ତି ପାଇଁ ଶିକ୍ଷଣ ପ୍ରକ୍ରିୟା ଉପରେ ଏହା ଆଲୋକପାତ କରିଥାଏ । ଅନୁଭୂତିଭିତ୍ତିକ ଶିକ୍ଷଣର ଉଦାହରଣ ହେଉଛି ଚିଡିଆଖାନା ବୁଲିବା ଓ ବହିରୁ ପଶୁମାନଙ୍କ ବିଷୟରେ ପଢିବା ପରିବର୍ତ୍ତେ ଚିଡିଆଖାନର ପରିବେଶ ସହିତ ପର୍ଯ୍ୟବେକ୍ଷଣ ଓ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ଶିଖିବା । ତେଣୁ ଅନ୍ୟ ଜଣଙ୍କର ଅନୁଭୂତି ଶୁଣିବା, ପଢିବା ପରିବର୍ତ୍ତେ ନିଜେ ଆବିଷ୍କାର ଓ ପରୀକ୍ଷଣ ସହିତ ପ୍ରାଥମିକ ଜ୍ଞାନ ହାସଲ କରେ । ଅନୁଭୂତିଭିତ୍ତିକ ଶିକ୍ଷଣ କେବଳ ବ୍ୟକ୍ତିର ପ୍ରତ୍ୟେକ୍ଷ ଅନୁଭୂତିର ଅର୍ଥ ପ୍ରସ୍ତୁତି ପ୍ରକ୍ରିୟା ଉପରେ ପର୍ଯ୍ୟବେଶିତ ହୋଇଥାଏ ।

ଅଭିଜ୍ଞତାଭିତ୍ତିକ ଶିକ୍ଷଣ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଶୈକ୍ଷିକ ପ୍ରକ୍ରିୟା ହୋଇପାରିବ । ଏହା ବ୍ୟକ୍ତିର ଆବଶ୍ୟକତା ଓ ଅଭାବଗୁଡିକୁ ସାମନା କରି ଶିକ୍ଷାର୍ଥୀମାନଙ୍କୁ ଅତ୍ୟନ୍ତ ବ୍ୟକ୍ତିଗତ ସ୍ତରରେ ନିୟୋଜିତ କରେ । ଅନୁଭୂତିଭିତ୍ତିକ ଶିକ୍ଷଣ ସ୍ୱପ୍ରଚେଷ୍ଟା ଓ ସ୍ୱ-ମୂଲ୍ୟାୟନ ଭଳି ଗୁଣବତ୍ତାର ଆବଶ୍ୟକ କରେ । ଏହି ଶିକ୍ଷଣ ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କୁ ନୂଆ କୌଶଳ, ନୂଆ ମନୋଭାବ କିମ୍ବା ଏପରିକି ସଂପୂର୍ଣ୍ଣ ନୂଆ ଉପାୟରେ ଚିନ୍ତା କରିବାରେ ସୁଯୋଗ ଦିଏ ।

ଏହା ସତ୍ୟ ଯେ ଶିକ୍ଷଣ ପ୍ରକ୍ରିୟାରେ ଅଭିଜ୍ଞତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏକ କୌତୁକିଆ ଶିକ୍ଷଣ ପରିବେଶ ସହିତ ପିଲାମାନଙ୍କ ସାମର୍ଥ୍ୟର ସମ୍ମାନ ଏବଂ ହସଖେଳ ପାଇଁ ସୁଯୋଗ ଥିବା ପରିବେଶ ଫଳପ୍ରଦ ଅଭିଜ୍ଞତାଭିତ୍ତିକ ଶିକ୍ଷଣକୁ ଆଗେଇ ନେଇଥାଏ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଅଭିଜ୍ଞତାରୁ ଶିଖିବାକୁ ସୁଯୋଗ ଦିଆଯାଏ, ସେମାନେ ନୂତନ ଜ୍ଞାନକୁ ଭଲଭାବରେ ବୁଝିପାରନ୍ତି ଏବଂ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇଥାଏ ।

ତୁମେ କିପରି ଏକ ସୁଗଠିତ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବ ? ଏହାର ଚାବି ସହାୟକଙ୍କ ହାତରେ ସେ କିପରି ଶିକ୍ଷଣ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିବେ । ଏହା ଯେତେବେଳେ ଶିକ୍ଷାର୍ଥୀର ଅଭିଜ୍ଞତାର ସମ୍ପଦ ଯେ ଗୁରୁତ୍ୱପୂର୍ଣ୍ଣ ଏହା ଭୁଲିଯିବା ଉଚିତ୍ ନୁହେଁ । ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କର ଅଭିଜ୍ଞତା ବେଶୀ ଗୁରୁତ୍ୱପୂର୍ଣ୍ଣ । ତା ସହିତ ପ୍ରଶିକ୍ଷକଙ୍କ ପାଖରେ ଥିବା ଅଭିଜ୍ଞତା ଶିକ୍ଷଣ ପରିସ୍ଥିତିକୁ ଆହୁରି ସୁଗମ କରିଥାଏ ।

ଜଣେ ଫଳପ୍ରଦ ଶିକ୍ଷକ ଯେ ଅଭିଜ୍ଞତାଭିତ୍ତିକ ଶିକ୍ଷାକୁ ନିଜ ଶିକ୍ଷାଦାନ ପ୍ରକ୍ରିୟାରେ ବ୍ୟବହାର କରିଥାନ୍ତି ସେ ନିଜ କାର୍ଯ୍ୟ ବିଷୟରେ ଅଧିକ ଆସକ୍ତ ଥାଆନ୍ତି । ଏହାଦ୍ୱାରା ସେ ପିଲାମାନଙ୍କୁ ଶିକ୍ଷଣ ପରିସ୍ଥିତିରେ ସଂପୂର୍ଣ୍ଣଭାବେ ନିୟୋଜିତ କରିଥାନ୍ତି ଏବଂ ନିଜ ସାଙ୍ଗସାଥିମାନଙ୍କଠାରୁ ଶିଖିବାରେ ସହାୟତା କରିଥାନ୍ତି । ଏହି ଶିକ୍ଷକମାନେ ପିଲାମାନଙ୍କୁ ଅଭିଜ୍ଞତାରେ ବାନ୍ଧିରଖି କଳ୍ପନା ଶକ୍ତିର ଉଦ୍ରେକ କରିଥାନ୍ତି । ମାନକ ଲିଖିତ ଓ ଦୃଶ୍ୟ ସାମଗ୍ରୀ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ ଦ୍ୱାରା ବିଭିନ୍ନ ଶିକ୍ଷଣ ଶୈଳୀ ଓ ସାମର୍ଥ୍ୟ ଥିବା ପିଲାମାନଙ୍କୁ ସ୍ଥାନିତ କରାଯାଇ ପାରିବ ।

ଟିପ୍ପଣୀ

**ଅଭିଜ୍ଞତାଭିତ୍ତିକ ଶିକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକ୍ରିୟା**

କ) ଏହି କୌଶଳ ବ୍ୟବହାର କରିବା ସମୟରେ ପ୍ରଥମେ ତୁମକୁ ସେହି ପ୍ରତ୍ୟୟକୁ ଚିହ୍ନଟ କରିବାକୁ ହେବ ଯେଉଁଥିରେ କ୍ଷେତ୍ର ଆଧାରିତ କାମ କିମ୍ବା ପର୍ଯ୍ୟବେକ୍ଷଣ ପାଇଁ ସୁଯୋଗ ରହିଛି ।

ଖ) କ୍ଷେତ୍ର ଆଧାରିତ କାମ ପାଇଁ ଯୋଜନା କର ଏବଂ ଯେତେ ଦୂର ସମ୍ଭବ ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କର ।

ଗ) ସେମାନଙ୍କର ଅଭିଜ୍ଞତାକୁ ଆଧାର କରି ପ୍ରତିପୁଷ୍ଟି ସଂଗ୍ରହ କର ଏବଂ ତଥ୍ୟକୁ ଏକତ୍ରିତ କର ।

ଘ) ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟୟର ଅର୍ଥରେ ପହଞ୍ଚିବାକୁ ଦିଅ ଏବଂ ଯଦି କିଛି ପ୍ରକ୍ରିୟା ଥାଏ ମଧ୍ୟ ।

ଙ) ପରିଶେଷରେ, ଆହରଣ କରିଥିବା ନୂତନ ଧାରଣାର ବୈଧତା ପାଇଁ ଏକ ପୃଷ୍ଠଭୂମି ସୃଷ୍ଟି କର ।

ନିମ୍ନରେ ଦିଆଯାଇଥିବା ଦୃଷ୍ଟାନ୍ତକୁ ଆସ ଦେଖିବା ।

**ଦୃଷ୍ଟାନ୍ତ:**

**ନୂତନ ଧାରଣା - ନିର୍ବାଚନ**

ବାସ୍ତବ ଅନୁଭୂତି - ବିଦ୍ୟାଳୟରେ ଛାତ୍ର ପରିଷଦ ନିର୍ବାଚନ ପରିଚାଳନା । ପ୍ରତି ଶ୍ରେଣୀକୁ ଏକ ନିର୍ବାଚନ ମଣ୍ଡଳୀ ଭାବେ ନିଅ, ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନରେ ପ୍ରତିଯୋଗିତା କରିବା ପାଇଁ ସୁଯୋଗ ଦିଅ । ସେମାନଙ୍କୁ ସଂକେତଗୁଡ଼ିକ ଯୋଗାଅ । ନିର୍ବାଚନ ତାରିଖ ଘୋଷଣା ପରଠାରୁ ଫଳ ପ୍ରକାଶ ପର୍ଯ୍ୟନ୍ତ ସାଧାରଣ ନିର୍ବାଚନର ସମସ୍ତ ପ୍ରକ୍ରିୟାକୁ ଅନୁସରଣ କର ।

ଜଣେ ଶିକ୍ଷକ ନିର୍ବାଚନ ଅଧିକାରୀ ହୁଅନ୍ତୁ । ଫଳାଫଳ ଘୋଷଣା ପରେ ନିର୍ବାଚିତ ଛାତ୍ରଛାତ୍ରୀମାନଙ୍କୁ ଶପଥ ଗ୍ରହଣ କରିବାକୁ ଅନୁମତି ଦିଅନ୍ତୁ ଓ ସ୍କୁଲ୍ ନେତା ବାଛିବାକୁ କୁହନ୍ତୁ ଏବଂ ବିଦ୍ୟାଳୟ କାର୍ଯ୍ୟକ୍ରମଗୁଡିକ ବିଷୟରେ ଦେଖାଶୁଣା କରିବାକୁ କମିଟି ଗଠନ କରନ୍ତୁ ।

**ପ୍ରତିପୁଷ୍ଟି ପାଇବା:-** ଛାତ୍ର ପରିଷଦର ନିର୍ବାଚନ ପରିଚାଳନାରେ ଅନ୍ତର୍ଭୁକ୍ତ ପ୍ରକ୍ରିୟା ବିଷୟରେ ସବୁ ଶ୍ରେଣୀ ଆଲୋଚନା କରନ୍ତୁ ।

**ନୂଆ ଧାରଣାକୁ ବୈଧ କରିବା:-** ବିଭିନ୍ନ ଉପାୟରେ ନିର୍ବାଚନ ପ୍ରସଙ୍ଗଟିକୁ ବୈଧ କରାଯାଇପାରେ । ସେଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏକୁ ବା ଅନ୍ୟ କିଛିକୁ ତୁମର ସୁବିଧା ଅନୁସାରେ ତୁମେ ବାଛିପାର ।

- ଆମ ଦେଶର ଯେକୌଣସି ସ୍ଥାନରେ ହେଉଥିବା ବିଭିନ୍ନ ସ୍ତରର ନିର୍ବାଚନ ସମ୍ବନ୍ଧୀୟ ସମ୍ବାଦପତ୍ର କଟା ଅଂଶକୁ ଦେଖାଇବା ।
- ନିର୍ବାଚନ ପ୍ରକ୍ରିୟା ଉପରେ ଆଧାରିତ ପ୍ରମାଣ ସିଦ୍ଧ ଫିଲ୍ମ ଶିକ୍ଷାର୍ଥୀମାନଙ୍କୁ ଦେଖାଯାଇପାରିବ ।
- ସ୍ଥାନୀୟ ସରକାରୀ କିମ୍ବା ଅନ୍ୟ କୌଣସି କାର୍ଯ୍ୟାଳୟର ନିର୍ବାଚନ ସଂପର୍କିତ ପ୍ରତ୍ୟେକ୍ଷ ପର୍ଯ୍ୟବେକ୍ଷଣ ।

**ଶିକ୍ଷଣ କାର୍ଯ୍ୟ - ୧୨**

ତୁମ ପସନ୍ଦର ଏକ ପ୍ରସଙ୍ଗ / ପ୍ରତ୍ୟୟ ବାଛ ଓ ଏହାକୁ ଅନୁଭୂତି ଆଧାରିତ ଶିକ୍ଷଣ ଅନୁଯାୟୀ ପଢାଇବା ପାଇଁ ଏକ ପାଠଯୋଜନା ପ୍ରସ୍ତୁତ କର ।

..............................................................................................

..............................................................................................

..............................................................................................

**ନିଜ ଅଗ୍ରଗତି ଆକଳନ-୭**

୧. ଅନୁଭୂତି ଆଧାରିତ ଶିକ୍ଷଣର ଅର୍ଥ କଣ ?

..............................................................................................

..............................................................................................

ଟିପ୍ପଣୀ

୨. ତୁମ ଅନୁସାରେ ଅନୁଭୂତି ଆଧାରିତ ଶିକ୍ଷଣର ଉପକାରିତା ଏବଂ ଅପକାରିତା କ'ଣ ଲେଖ ?

.......................................................................................................

...................................................................................................

### ୭.୪.୯ ବର୍ଣ୍ଣନା / ଗଳ୍ପକଥନ

ଜେଜେ ବାପା ମାଆ ବିଶେଷ କରି ଜେଜେମା'ଙ୍କ ଦ୍ୱାରା ପିଲାମାନଙ୍କ ଚିତ୍ତ ବିନୋଦନ ପାଇଁ ଗଳ୍ପ କଥନ ଏକ ପାରଂପରିକ ପଦ୍ଧତି ଅଟେ । ଏହା ଏକ କୌଶଳ ଯେଉଁଥିରେ ବକ୍ତା ଶ୍ରୋତାକୁ ମୌଖିକ ଓ ଅଣବାଚନିକ ଅଙ୍ଗଭଙ୍ଗୀ ମାଧ୍ୟମରେ ଯୋଗାଯୋଗ କରିଥାଏ । ଏହା ଶ୍ରୋତାର ଲକ୍ଷ୍ୟକୁ ଧରି ରଖେ । ବସ୍ତୁତଃ ଏହା ନିଜେ ଏକ କଳା ଯାହା ଶିକ୍ଷାର୍ଥୀମାନଙ୍କୁ କଥା ମାଧ୍ୟମରେ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥାଏ । ଏହା ସ୍ୱଷ୍ଟ, ବିଶଦ ଓ ଆଗ୍ରହୋଦ୍ଦୀପକ ସହ ଘଟଣାଗୁଡ଼ିକର ସୁବ୍ୟବସ୍ଥିତ ଅନୁକ୍ରମ ଏପରି ହୋଇଥାଏ ଯେ ଶିକ୍ଷାର୍ଥୀମାନେ ଏହି ଘଟଣାଗୁଡ଼ିକୁ ପୁନଃ ନିର୍ମାଣ କରିବାରେ ସକ୍ଷମ ହୋଇଥାନ୍ତି ଏବଂ ଅଭିଜ୍ଞତାଗୁଡ଼ିକର ବର୍ଣ୍ଣନା ମାଧ୍ୟମରେ ସେମାନେ ସେମାନଙ୍କର କଳ୍ପନାରେ ବଞ୍ଚି ରୁହନ୍ତି ।

ଜଣେ ବକ୍ତା ଓ ଅଭିନେତା ଭାବେ ଗୋଟିଏ ଶିକ୍ଷକଙ୍କ ଦକ୍ଷତା ଶିକ୍ଷାର୍ଥୀମାନଙ୍କ ପାଇଁ ପାଠକୁ ଜୀବନ୍ତ ଓ ଆଗ୍ରହୋଦ୍ଦୀପକ କରିପାରିବ । ଘଟଣା ସମୂହ ଓ ସଂପୃକ୍ତ ବ୍ୟକ୍ତିତ୍ୱଗୁଡ଼ିକୁ ଅବଲୋକନ କରିବାରେ ସେମାନେ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିପାରିବେ । ଶ୍ରୋତାକୁ ଧାରରେ ରଖିବା ପାଇଁ ବକ୍ତା ମଝିରେ ମଝିରେ ସରଳ ପ୍ରଶ୍ନମାନ ପଚାରନ୍ତି ଯାହା ଗୋଟିଏ ବା ଦୁଇଟି ଶବ୍ଦରେ ଉତ୍ତର ଦେବା ଆବଶ୍ୟକ କରିଥାଏ । ପ୍ରାରମ୍ଭିକ ସ୍ତରରେ ବିଶେଷ କରି ଇତିହାସ ଶିକ୍ଷାଦାନ ପାଇଁ ଏହି ପଦ୍ଧତି ଉପଯୋଗୀ ଅଟେ । ଏହା ଶିକ୍ଷାର୍ଥୀମାନଙ୍କର ଆଗ୍ରହ ଉଦ୍ରେକ କରେ ଏବଂ କାଳ୍ପନିକ ଅବବୋଧ ଓ ଗଭୀର ଆନନ୍ଦ ପାଇଁ ସୁଯୋଗ ପ୍ରଦାନ କରେ ।

ଚରିତ୍ରର ଉପାଦାନଗୁଡ଼ିକୁ ଯଥା ଦାନ, ଦୟା, ସତ୍ୟବାଦୀତା ଇତ୍ୟାଦି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିକଶିତ କରିବା ପାଇଁ ଉତ୍ତମ ସାଥୀ ରୂପେ ଶିକ୍ଷକଙ୍କ ଦ୍ୱାରା ଗଳ୍ପ କଥନ ଉପରେ ଭରସା କରାଯାଇ ପାରିବ ।

**ଉପଯୋଗିତା :-** ଏହି ପଦ୍ଧତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିପାରିବ ଏବଂ ସେମାନେ ଉଭୟ ଶିକ୍ଷକ ଓ ବିଷୟକୁ ଭଲ ପାଇବାକୁ ଆରମ୍ଭ କରନ୍ତି । ଏହା ମଧ୍ୟ କଳ୍ପନାଶକ୍ତିର ବିକାଶ ଓ ମୂଲ୍ୟବୋଧର ଅନ୍ତର୍ନିର୍ବିଷ୍ଟ କରିବା ପାଇଁ ସହାୟତା /ସମର୍ଥନ କରିଥାଏ ଯାହା ସାମାଜିକ ସହାବସ୍ଥାନ ପାଇଁ ଆବଶ୍ୟକ । ପାଠ୍ୟ ପୁସ୍ତକରେ ଦିଆଯାଇଥିବା ପାଠ ଠାରୁ ଶିକ୍ଷାର୍ଥୀମାନେ ଅଧିକ ଶିଖନ୍ତି ।

ସୀମିତତା :- ଶିକ୍ଷକ ଏକ ମୁଖ୍ୟ ଭୂମିକା ନିର୍ବାହ କରନ୍ତି ଏବଂ ଯଦି ଗପ ଆଗ୍ରହୋଦ୍ଦୀପକ ଉପାୟରେ କୁହା ନଯାଏ ଶିକ୍ଷାର୍ଥୀମାନେ ନୀରସତା ଅନୁଭବ କରିପାରନ୍ତି । ଏହା ମଧ୍ୟ ସତ ଯେ ସବୁ ପ୍ରସଙ୍ଗ ଏହି ପଦ୍ଧତି ମାଧ୍ୟମରେ ପଢ଼ା ଯାଇପାରିବ ନାହିଁ । ପାଠ୍ୟ ପୁସ୍ତକରେ ଥିବା ସୂଚନା ପରିବର୍ତ୍ତେ ଶିକ୍ଷକଙ୍କୁ ଅଧିକ ସୂଚନା ସଂଗ୍ରହ କରିବାକୁ ପଡ଼ିବ ଏବଂ ଏହି ପଦ୍ଧତିର ସଂଫଳତା ପାଇଁ ଅତ୍ୟନ୍ତ ଦକ୍ଷ ହେବାକୁ ମଧ୍ୟ ପଡ଼ିବ ।

**ଦୃଷ୍ଟାନ୍ତ:-** କଳିଙ୍ଗ ଯୁଦ୍ଧ, ଦାଣ୍ଡିଯାତ୍ରା, ଭାରତଛାଡ଼ ଆନ୍ଦୋଳନ ଇତ୍ୟାଦି ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କରାଯାଇପାରିବ । ପାଠ୍ୟ ବିଷୟକୁ ନେଇ ଏକ ଆଗ୍ରହପୂର୍ଣ୍ଣ ଗଳ୍ପ ପ୍ରସ୍ତୁତ କର ଏବଂ ଅନ୍ୟାନ୍ୟ ଉତ୍ସରୁ ଅତିରିକ୍ତ ପ୍ରସଙ୍ଗ ସଂଗ୍ରହ କର । ଉପରେ ବର୍ଣ୍ଣନା କରାଯାଇଥିବା ଭଳି ଏହାକୁ ଶ୍ରେଣୀରେ ଉପସ୍ଥାପନା କର ।

**ଶିକ୍ଷଣ କାର୍ଯ୍ୟ - ୧୩**

ସାମାଜିକ ବିଜ୍ଞାନର ଏକ ଅଧ୍ୟାୟ ବାଛ ଯାହାକି ଗଳ୍ପ କଥନ ମାଧ୍ୟମରେ ଶିକ୍ଷାଦାନ କରାଯାଇପାରିବ ଏବଂ ଗଳ୍ପଟିକୁ ଲେଖ ।

.......................................................................................................

..........................................................................................

**ନିଜ ଅଗ୍ରଗତି ଆକଳନ -୮**

୧. ଗଳ୍ପକଥନ ପଦ୍ଧତି ବ୍ୟବହାର ସମୟରେ ଶିକ୍ଷକଙ୍କ ଦ୍ୱାରା କେଉଁ ଦିଗ ପ୍ରତି ଯତ୍ନନେବା ହେବା ଉଚିତ୍ ?



ଟିପ୍ପଣୀ

.............................................................................................................................................

..............................................................................................................................

୨. ଗଳ୍ପକଥାନ ପଦ୍ଧତି ପାଇଁ ଶିକ୍ଷକଙ୍କ ନିକଟରେ କେଉଁସବୁ ଦକ୍ଷତାର ଆବଶ୍ୟକତା ରହିଛି ତାର ଏକ ତାଲିକା ପ୍ରସ୍ତୁତ କର ।

.............................................................................................................................................

..............................................................................................................................

### ୭.୪.୧୦ କ୍ଷେତ୍ର ପରିଭ୍ରମଣ

ଏକ ପ୍ରିୟ ଶିକ୍ଷଣ କୌଶଳ ହେଉଛି କ୍ଷେତ୍ର ଭ୍ରମଣ । ଏହା ଶୈକ୍ଷିକ ମୂଲ୍ୟ / ଗୁରୁତ୍ୱ ଥିବା ନିକଟବର୍ତ୍ତୀ ସ୍ଥାନ / ପୀଠକୁ ଶିକ୍ଷାର୍ଥୀମାନଙ୍କ ପାଇଁ ବିଦ୍ୟାଳୟ ଦ୍ୱାରା ଆୟୋଜନ କରାଯାଇ ଥିବା ଏକ ଭ୍ରମଣ ଅଟେ । ଏହା ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ । କ୍ଷେତ୍ର ଭ୍ରମଣ ପିଲାମାନଙ୍କୁ ବାହ୍ୟଜୀବନ ସହିତ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରେ । ସାମାଜିକ ବିଜ୍ଞାନରେ ଶିକ୍ଷାଦାନ-ଶିକ୍ଷଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଫଳପ୍ରଦ ଉପକରଣ ରୂପେ ଏଗୁଡ଼ିକୁ ବିଚାର କରାଯାଏ । ପ୍ରତ୍ୟେକ ଶିକ୍ଷଣ ସ୍ତରରେ ଏଗୁଡ଼ିକ ପିଲାମାନଙ୍କ ପ୍ରତ୍ୟକ୍ଷ ଅନୁଭୂତି ସବୁ ପ୍ରଦାନ କରନ୍ତି ।

**ଏକ କ୍ଷେତ୍ର ପରିଭ୍ରମଣ ଆୟୋଜନ କରିବା**

ଗୋଟିଏ କ୍ଷେତ୍ର ପରିଭ୍ରମଣ ସଫଳ ହେବା ନିମନ୍ତେ ଏହାର ସଯତ୍ନ ପରିଚାଳନା ଆବଶ୍ୟକ । ଏଠାରେ ଏକ ତ୍ରିସ୍ତରୀୟ ସଂଗଠିତ କାର୍ଯ୍ୟକ୍ରମ ରହିଛି । ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟେକ ସ୍ତରରେ ଅନ୍ତର୍ଭୁକ୍ତ କର । ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

**୧. ଯୋଜନା କରିବା** – ଶିକ୍ଷାବର୍ଷ ପ୍ରାରମ୍ଭରେ ପାଠ୍ୟପୁସ୍ତକ, ପାଠ୍ୟ ଖସଡାକୁ ଅନୁଧ୍ୟାନ କରି କେଉଁ ଅଧ୍ୟାୟ ଉତ୍ତମ ଭାବେ କ୍ଷେତ୍ର ଭ୍ରମଣ ସହିତ ପରିଚାଳିତ ହୋଇପାରିବ ତାହା ନିର୍ଣ୍ଣୟ କରିବା ଉଚିତ୍ । ସମୟ ଓ ସମ୍ବଳ ଅନୁଯାୟୀ କେତେକ ସ୍ଥାନ କ୍ଷେତ୍ର ପରିଭ୍ରମଣ ପାଇଁ ଚୟନ କର । ସ୍ଥାନ ଚୟନ ପରେ ଭ୍ରମଣ ପାଇଁ ଅନୁମାନିକ ସମୟ ନିର୍ଦ୍ଧାରଣ କର । ଉପଯୁକ୍ତ ଅଧିକାରୀ ଏବଂ ପିତାମାତା ଅଭିଭାବକଙ୍କଠାରୁ ଅନୁମତି ସଂଗ୍ରହ କର । କ୍ଷେତ୍ର ପରିଭ୍ରମଣ ସକାଶେ ଶିକ୍ଷାର୍ଥୀଙ୍କୁ ଆବଶ୍ୟକ ପ୍ରସ୍ତୁତି କରାଅ । ଯଥା– ଶିକ୍ଷାର୍ଥୀ କ'ଣ ଅନୁଧ୍ୟାନ କରିବେ ଏବଂ ତଥ୍ୟ ଲିପିବଦ୍ଧ କରିବେ । ଶିକ୍ଷକ ସହାୟକ ରୂପେ ସୂଚିତ କରିବେ । ଯଦି ସମ୍ଭବ ଏକ ପ୍ରଶ୍ନାବଳୀ ପ୍ରସ୍ତୁତ କରି ଶିକ୍ଷାର୍ଥୀଙ୍କୁ ପ୍ରଦାନ କର ।

**୨. କାର୍ଯ୍ୟକାରୀ କରିବା** – ଉପରୋକ୍ତ ଯୋଜନା ଅନୁସାରେ ଶିକ୍ଷାର୍ଥୀ ଏବଂ ସହକର୍ମୀଙ୍କ ସହ କ୍ଷେତ୍ରଭ୍ରମଣକୁ ଯାଅ । ପ୍ରତ୍ୟେକ ଶିକ୍ଷାର୍ଥୀ ଏବଂ ସହକର୍ମୀଙ୍କ ସହ କ୍ଷେତ୍ରଭ୍ରମଣକୁ ଯାଅ । ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ସକ୍ରିୟ ଅଂଶ ଗ୍ରହଣ କରନ୍ତି ତାହା ଦେଖ । ପ୍ରତ୍ୟେକ ଶିକ୍ଷାର୍ଥୀର ଉପଯୁକ୍ତ ଯତ୍ନ ନିଅ ।

**୩. ଅନୁସରଣ** – କ୍ଷେତ୍ର ଭ୍ରମଣରୁ ଫେରିଲା ପରେ ଶିକ୍ଷାର୍ଥୀଙ୍କ ଅଭିଜ୍ଞତା ସବୁକୁ ସେମାନଙ୍କ ସାହାଯ୍ୟରେ ଏକତ୍ରିତ କର । ନିରନ୍ତର ମୂଲ୍ୟାୟନର ଏକ ଅଂଶବିଶେଷ ମଧ୍ୟ ହୋଇପାରିବ । ପାଠ୍ୟକ୍ରମର ଅଧ୍ୟାୟ ସହ ସେମାନଙ୍କ ଅଭିଜ୍ଞତାକୁ ସଂପର୍କିତ କର । କ୍ଷେତ୍ର ଭ୍ରମଣ ସକାଶେ ସାଂଗଠନିକ ଦିଗ ଉପରେ ଚିନ୍ତନ କରିପାରିବ ଏବଂ ଅଭିବୃଦ୍ଧି ପାଇଁ ପରାମର୍ଶମାନ ଗ୍ରହଣ କରିପାରିବ ।

କ୍ଷେତ୍ର ପରିଭ୍ରମଣ ଶିକ୍ଷାର୍ଥୀଙ୍କୁ ସର୍ବଦା ଅଭିପ୍ରେରିତ କରିଥାଏ । ସେଗୁଡ଼ିକ ଆଗ୍ରହ ବୃଦ୍ଧି କରେ ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି କରେ ଏବଂ ଏହା ସେମାନଙ୍କ ମଧ୍ୟରେ ସାମାଜିକ ମୂଲ୍ୟବୋଧ ବଢ଼ାଏ । ଏହା ବାହ୍ୟଜୀବନ ସହ ବିଦ୍ୟାଳୟ ଜୀବନକୁ ସଂପର୍କୀତ କରେ ଏବଂ ଗୋଷ୍ଠୀ ସମ୍ବଳର ପ୍ରୟୋଗ ସକାଶେ ଏହା ଉପଯୁକ୍ତ ଶିକ୍ଷଣ ସୁଯୋଗ ପ୍ରଦାନ କରେ । ତେଣୁ ଯେତେବେଳେ କ୍ଷେତ୍ର ଭ୍ରମଣ ସମ୍ଭବ ତାହାକୁ ପରିଚାଳନା କରିବା ଉଚିତ୍ ।

**ଦୃଷ୍ଟାନ୍ତ :** ପଞ୍ଚାୟତ କାର୍ଯ୍ୟାଳୟ, ଡ୍ୟାମ୍, କଳକାରଖାନା ଏବଂ ପଶୁପାଳନ କେନ୍ଦ୍ର ଇତ୍ୟାଦିକୁ ଶିକ୍ଷାର୍ଥୀମାନଙ୍କୁ ନେଇପାରିବ ଏବଂ ଉପରୋକ୍ତ ପଦ୍ଧତିକୁ ଅନୁସରଣ କରିବା ସହ ଉତ୍ତମ ରୂପେ ପରିଚାଳନା କରିପାରିବ ।

**ଶିକ୍ଷଣ କାର୍ଯ୍ୟ - ୧୪**

କ୍ଷେତ୍ର ଭ୍ରମଣ ପାଇଁ ସୁଯୋଗ ଥିବା ଗୋଟିଏ ଶ୍ରେଣୀର ଦୁଇଟି ପାଠକୁ ଚିହ୍ନଟ କର ଏବଂ କ୍ଷେତ୍ର ଭ୍ରମଣ ସକାଶେ ଗୋଟିଏ ପାଠର ଯୋଜନା ସହିତ ଅନ୍ୟଟି ବିନା କ୍ଷେତ୍ରଭ୍ରମଣରେ କିପରି ଶିକ୍ଷାଦାନ କରାଯିବ ଉଲ୍ଲେଖ କର । ଉଭୟ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସଂପାଦନକୁ ତୁଳନା କର । ତୁମର ପର୍ଯ୍ୟବେକ୍ଷଣଗୁଡ଼ିକୁ ଲେଖ । ତୁମେ ଅନୁସୃତ କରିଥିବା ପଦ୍ଧତିଗୁଡ଼ିକ, ଦୁଇଟି ପଦ୍ଧତି ଦୁଇଟି ପାଠ ପାଇଁ ସିଦ୍ଧାନ୍ତ ଲେଖ ।

..............................................................................................................

..............................................................................................................

..............................................................................................................

**ନିଜ ଅଗ୍ରଗତି ଆକଳନ -୯**

୧. କ୍ଷେତ୍ର ଭ୍ରମଣ ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ଶିକ୍ଷକଙ୍କୁ କେଉଁ ସବୁ ସୋପାନ ଅନୁସରଣ କରିବାକୁ ପଡ଼ିବ ?

..............................................................................................................

..............................................................................................................

..............................................................................................................

୨. କ୍ଷେତ୍ରଭ୍ରମଣ ମାଧ୍ୟମରେ ଶିକ୍ଷାର୍ଥୀ ମଧ୍ୟରେ କେଉଁସବୁ ମୂଲ୍ୟବୋଧର ବିକାଶ ହୋଇପାରିବ ଚିହ୍ନଟ କର ।

..............................................................................................................

..............................................................................................................

..............................................................................................................

### ୭.୪.୧୧ ଆଲୋଚନା ପ୍ରଣାଳୀ

ସାମାଜିକ ବିଜ୍ଞାନ ଶିକ୍ଷାଦାନରେ ଆଲୋଚନା ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ ଯାହା ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣ ବେଳେ ନିଜର ଭାବନାକୁ ବ୍ୟକ୍ତ କରିବାକୁ ସୁଯୋଗ ଦିଏ । ଏହା ସାମୁହିକ ନିଷ୍ପତ୍ତି ନେବାର ଏକ ସୁବ୍ୟବସ୍ଥିତ ପ୍ରଣାଳୀ, ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିକଶିତ କରିବାରେ ସାହାଯ୍ୟ କରିଥାଏ । ଏହା ସହମତି ଚାହେଁ । ଯଦି ଏହା ପହଞ୍ଚିନପାରେ ତେବେ ସହମତିର ସ୍ୱରୂପକୁ ଅଧିକ ବାସ୍ତବ, ସ୍ପଷ୍ଟ ଶାଣିତ କରିବା ପାଇଁ ଏହାର ମୂଲ୍ୟ ରହିଛି ।

**ଆଲୋଚନାର ବୈଶିଷ୍ଟ୍ୟ ସମୂହ**

ଯେତେବେଳେ କୌଣସି ସମସ୍ୟା, ପରିସ୍ଥିତି ଓ ବିଷୟଭିତ୍ତିକ ମତପାର୍ଥକ୍ୟ ସୃଷ୍ଟି ହୁଏ, ତେବେ ଆଲୋଚନା ପ୍ରଣାଳୀର ଆବଶ୍ୟକତା ପଡ଼ିଥାଏ । ଆଲୋଚନା ଶିକ୍ଷକମାନଙ୍କ ଦ୍ୱାରା ଆରମ୍ଭ ଓ ପରିବର୍ତ୍ତନ ହୋଇଥାଏ ଏବଂ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଏକ ବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ । ଆଲୋଚ୍ୟ ବିଷୟ ଉପରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ନିଜ ନିଜର ଭାବନାକୁ ବ୍ୟକ୍ତ କରିବା ପାଇଁ ମୁକ୍ତ ଅଟନ୍ତି ।

**ଆଲୋଚନା ପରିଚାଳନା କରିବା**

ଆଲୋଚନାର ପରିଚାଳନା ନିମିତ୍ତ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭଲଭାବେ ଯୋଜନା କରିବା ଆବଶ୍ୟକ ଅଟେ । ଏଥିରେ ତିନୋଟି ସ୍ତର ରହିଛି – ଯଥା ଯୋଜନା ଓ ପ୍ରସ୍ତୁତି, ଆଲୋଚନା ପରିଚାଳନା ଏବଂ ମୂଲ୍ୟାୟନ ।

**କ) ଯୋଜନା ଓ ପ୍ରସ୍ତୁତି**

ଏହା ଆଲୋଚନାର ପୂର୍ବସ୍ତର ଅଟେ, ଯାହା ଆଲୋଚନା ରୂପେ ଚାଲେ । ସର୍ବପ୍ରଥମେ ସମସ୍ତଙ୍କୁ ମିଳିମିଶି ସମସ୍ୟା ବା ଘଟଣାକୁ ଚିହ୍ନଟ କରିବାକୁ ହେବ । ନିର୍ବାଚିତ ସମସ୍ୟାଟି ନିଶ୍ଚିତ ଭାବେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିହ୍ନଟ

ଟିପ୍ପଣୀ

ହେବା ଆବଶ୍ୟକ ଏବଂ ସେଥିରେ ସେମାନଙ୍କର ନିଶ୍ଚିତ ପର୍ଯ୍ୟାପ୍ତ ଜ୍ଞାନ ଥିବା ଆବଶ୍ୟକ । ଏହି ସମସ୍ୟାରେ ଉତ୍ତରଗୁଡିକ ପାଇଁ ଦଳଗୁଡିକ କିଛି ପ୍ରଶ୍ନ ଚିହ୍ନଟ କରିବେ । ଏହି ପ୍ରଶ୍ନଗୁଡ଼ିକ କ୍ରମରେ କଳାପଟାରେ ଲେଖାଯାଇପାରେ । ସୂଚନା ସଂଗ୍ରହ ପାଇଁ ସମସ୍ତଙ୍କୁ ଯଥେଷ୍ଟ ସମୟ ଦେଇ ଆଲୋଚନା ପାଇଁ ସଠିକ୍ ସମୟ ଓ ତାରିଖ ନିର୍ଦ୍ଧାରଣ କର ।

**ଖ) ଆଲୋଚନାର ପରିଚାଳନା:**

ଆଲୋଚନା ପରିଚାଳନାରେ ଶିକ୍ଷକଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସମସ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଂଶଗ୍ରହଣ ଓ ସାମନାସାମ୍ନି ଭାବେ ବସି ଆଲୋଚନା ଓ ବାର୍ତ୍ତାଳାପ କରିବା ପାଇଁ ଉପଯୁକ୍ତ ବସିବା ବନ୍ଦୋବସ୍ତ ହେବା ଆବଶ୍ୟକ । ଯେହେତୁ କିଛି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିଜର ପ୍ରଭୁତ୍ୱ ଦେଖାଇବାର ଆଶଙ୍କା ରହିଥାଏ, ଏଣୁ ଶିକ୍ଷକ ଏଭଳି ଏକ ମୁକ୍ତ, ଆରାମଦାୟକ ଓ ଅନୌପଚାରିକ ବାତାବରଣ ସୃଷ୍ଟି କରିବା ଆବଶ୍ୟକ ଯେଉଁଠି ସମସ୍ତ ଛାତ୍ରଛାତ୍ରୀମାନେ ସମ୍ପୂର୍ଣ୍ଣରୂପେ ଅଂଶଗ୍ରହଣ କରିପାରିବେ । ତେବେ ବାତାବରଣ ଶୃଙ୍ଖଳିତ ହେବା ନିହାତି ଆବଶ୍ୟକ । ଯେତେବେଳେ କେତେକ ଛାତ୍ରଛାତ୍ରୀ ନିଜର ମତାମତ ବ୍ୟକ୍ତ କରିଥାନ୍ତି, ଅନ୍ୟମାନେ ତାକୁ ଧ୍ୟାନପୂର୍ବ ଶୁଣିବା ଆବଶ୍ୟକ । ଆଲୋଚନା ଲକ୍ଷ୍ୟ ହାସଲ ଦିଗରେ ନିଶ୍ଚିତ ଆଗେଇବା ଆବଶ୍ୟକ ।

**ଗ) ମୂଲ୍ୟାୟନ :** ଏହା ଏକ ନିଶ୍ଚିତ ଆବଶ୍ୟକତା ଅଟେ ।

ପରିଶେଷରେ ଏକ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ଶିକ୍ଷକ ନିଶ୍ଚିତ ଭାବେ ଜାଣିବା ଆବଶ୍ୟକ ଯେ, ଆଲୋଚନା କେତେଦୂର ଫଳପ୍ରଦ ହୋଇଛି ଏବଂ କେତେଦୂର ଲକ୍ଷ୍ୟର ସାଧନ ହୋଇପାରିଛି । ଏଥି ସହ ଦଳ ସାମଗ୍ରୀକ ଭାବେ ଆଲୋଚନାର ପରିଚାଳନା ଉପରେ ଚିନ୍ତନ ମଧ କରିପାରନ୍ତି । ଆଲୋଚନାର ସକାରାତ୍ମକ ଓ ନକାରାତ୍ମକ ଦିଗଗୁଡ଼ିକ କ'ଣ ଏବଂ ଭବିଷ୍ୟତରେ ଏଥିରେ କ'ଣ ସୁଧାର କରାଯିବା ଆବଶ୍ୟକ ରହିଛି ତାହା ମଧ ଦେଖି ପାରିବେ ।

**ଦୃଷ୍ଟାନ୍ତ :**

ଆଲୋଚନାର ପ୍ରତ୍ୟେକ ପର୍ଯ୍ୟାୟରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବାକୁ, ତୁମେ ସମସ୍ତ ପ୍ରକାର ପ୍ରୟାସ କର ।

**ଯୋଜନା ଓ ପ୍ରସ୍ତୁତି**

ସମାଜରେ ଘଟୁଥିବା କିଛି ଘଟଣାଗୁଡ଼ିକୁ ଚିହ୍ନଟ କର, ଯାହା ପାଠ୍ୟକ୍ରମ ସମ୍ପର୍କିତ ହୋଇଥିବ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଗ୍ରହ ସୃଷ୍ଟି କରିପାରୁଥିବ । ଏହି ସବୁ ଘଟଣାଗୁଡ଼ିକର କଳପଟାରେ ଏକ ତାଲିକା କର –

- ଲିଙ୍ଗ ଭେଦଭାବ
- ବର୍ଜ୍ୟବସ୍ତୁ ନିଷ୍କାସନ
- ଗଛ କାଟିବା
- ଜଳାଭାବ

ଏଥିମଧ୍ୟରୁ ଗୋଟିଏ ବିଷୟ ଚୟନ କର । ଉଦାହରଣସ୍ୱରୂପ – ଲିଙ୍ଗ ଭେଦଭାବ । ଏହି ବିଷୟଟିର ମୁଖ୍ୟ ବିନ୍ଦୁଗୁଡ଼ିକୁ ଚିହ୍ନଟ କର । ସେଗୁଡ଼ିକୁ କଳାପଟାରେ ଲେଖ ଏବଂ ଛାତ୍ରଛାତ୍ରୀମାନଙ୍କୁ ସମୁଚିତ ସମୟ ଦେଇ ସେହି ବିନ୍ଦୁଗୁଡିକ ଉପରେ ସୂଚନା ସଂଗ୍ରହ କରିବା ପାଇଁ କୁହ ।

**ଅର୍ଥ**

- ◆ ଐତିହାସିକ ଯୁଗରେ ଲିଙ୍ଗ ଭେଦଭାବ
- ◆ ସମାଜ, ବିଦ୍ୟାଳୟ ଓ ଘରେ ଲିଙ୍ଗ ଭେଦଭାବ
- ◆ ଲିଙ୍ଗ ଭେଦଭାବର କାରଣ
- ◆ ଲିଙ୍ଗ ଭେଦଭାବରୁ ଅତିକ୍ରମ କରିବାର ଉପାୟ
- ◆ ସାମ୍ବିଧାନିକ ବ୍ୟବସ୍ଥା ସମୂହ

ଟିପ୍ପଣୀ

**ଆଲୋଚନାର ପରିଚାଳନା –** ଛାତ୍ରଛାତ୍ରୀମାନଙ୍କ ବସିବା ପାଇଁ ଉତ୍ତମ ବ୍ୟବସ୍ଥା କର । ତୁମେ ଏଭଳି ଏକ ସ୍ଥାନରେ ବସିବେ ଯେଉଁଠି ସମସ୍ତେ ତୁମକୁ ଦେଖିପାରୁଥିବେ । ଆଲୋଚ୍ୟ ବିଷୟଟିର ପ୍ରମୁଖ ବିନ୍ଦୁଗୁଡିକୁ କ୍ରମିକଭାବେ କଳାପଟାରେ ଲେଖ । ଆଲୋଚନା ଆରମ୍ଭ କର । କାହାକୁ ନିରୁତ୍ସାହିତ ନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆଲୋଚ୍ୟ ବିଷୟ ଉପରେ କିଛି ନା କିଛି କହିବା ପାଇଁ ସୁଯୋଗ ଦିଅ । ଏତତ୍‌ବ୍ୟତୀତ ମୁଖ୍ୟ ବିନ୍ଦୁ ଗୁଡ଼ିକୁ କଳପଟା କିମ୍ବା ନିଜ ଖାତା (Notebook) ରେ ଲେଖିବା ପାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କୁହ ।

**ମୂଲ୍ୟାୟନ –** ଏହି ସ୍ତରରେ ଶ୍ରେଣୀ ଗୃହରେ ଆଲୋଚନା କରାଯାଇଥିବା ଧାରଣାଗୁଡିକୁ ସଂକ୍ଷିପ୍ତ କର । ଲିଙ୍ଗଗତ ଭେଦଭାବର କାରଣରେ ଉପନ୍ନୀତ ହୁଅ । ସମସ୍ତ ସଦସ୍ୟ ମଧ୍ୟ ଏହି ଆଲୋଚିତ ବିଷୟବସ୍ତୁ ଉପରେ ଚିନ୍ତନ କରିପାରନ୍ତି ଏବଂ ଆଗାମୀ ଆଲୋଚନାରେ ନକାରାତ୍ମକ ମନ୍ତବ୍ୟକୁ କମାଇବାର ଉପାୟ ଖୋଜି ବାହାର କରିପାରନ୍ତି ।

**ଶିକ୍ଷଣ କାର୍ଯ୍ୟ – ୧୫**

ସାମାଜିକ ବିଜ୍ଞାନର ଯେକୌଣସି ଏକ ସମସ୍ୟାକୁ ଭିତ୍ତିକରି ତୁମ ଶ୍ରେଣୀରେ ଆଲୋଚନା ଆୟୋଜନ କର । ଏହା ସାଧାରଣ ଶ୍ରେଣୀଠାରୁ କିଭଳି ଭିନ୍ନ ତାହା ଉପରେ ଚିନ୍ତନ କର ।

**ନିଜ ଅଗ୍ରଗତି ଆକଳନ – ୧୦**

୧. ଆଲୋଚନା ପ୍ରଣାଳୀର ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

..............................................................................................................................

..............................................................................................................................

୨. ଆଲୋଚନା ପ୍ରଣାଳୀରେ ଶିକ୍ଷକଙ୍କର ଭୂମିକା ବିଷୟରେ ବର୍ଣ୍ଣନା କର ।

..............................................................................................................................

..............................................................................................................................

## ୭.୪.୧୨ ମାନଚିତ୍ର ଆଧାରିତ ଶିକ୍ଷଣ

ଏକ ସମତଳ ଚଟାଣ ଉପରେ ନିର୍ଦ୍ଦିଷ୍ଟମାନ ବିଶିଷ୍ଟ ପୃଥିବୀର ପ୍ରତିନିଧିତ୍ୱକୁ ମାନଚିତ୍ର କୁହାଯାଏ । ଏହା ବାହନଚାଳକ, ପର୍ଯ୍ୟଟକ ଓ ବିଶେଷ କରି ପ୍ରତିରକ୍ଷା ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହାର କରାଯାଇଥାଏ । କିନ୍ତୁ ମାନଚିତ୍ର ବ୍ୟବହାର କରିବାକୁ ହେଲେ ଜଣଙ୍କୁ ମାନଚିତ୍ର ଭାଷା ଜାଣିବା ନିହାତି ଆବଶ୍ୟକ, କାରଣ ମାନଚିତ୍ରର ନିଜସ୍ୱ ଭାଷା ରହିଛି । ମାନଚିତ୍ରରେ କ'ଣ ଅଛି ତାହା ବାହାର ନକରିବା ପର୍ଯ୍ୟନ୍ତ, ପାଠକ ପାଇଁ ମାନଚିତ୍ର ଅର୍ଥପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ ମାନଚିତ୍ର ବୁଝିବା ନିମିତ୍ତ ମାନଚିତ୍ର ସାକ୍ଷରତା ଏକାନ୍ତ ଆବଶ୍ୟକ ।

ସାମାଜିକ ବିଜ୍ଞାନକୁ ଅଧିକ ଆଗ୍ରହୋଦ୍ଦୀପକ କରିବା ପାଇଁ ଶିକ୍ଷକ ବିବିଧ ସମ୍ବଳଗୁଡ଼ିକ ବ୍ୟବହାର କରିଥାନ୍ତି, ଯାହା ଶିକ୍ଷଣ ସାଧନୀରୂପରେ କାର୍ଯ୍ୟ କରିଥାଏ । ଯେହେତୁ ମାନଚିତ୍ର ସାରା ବିଶ୍ୱକୁ ଶ୍ରେଣୀଗୃହକୁ ଆଣିପାରେ ଏଣୁ ସାମାଜିକ ବିଜ୍ଞାନର ପ୍ରସଙ୍ଗଗୁଡିକୁ ବୁଝିବା ସହଜ ହୋଇଥାଏ ଯାହା ମାନଚିତ୍ର ସହିତ ସଂପର୍କିତ । ଶିକ୍ଷାର୍ଥୀମାନେ ମାନଚିତ୍ରକୁ ଉତ୍ତମ ରୂପେ ବୁଝିପାରିବେ ଯେତେବେଳେ ସେମାନେ ମାନଚିତ୍ରକୁ ପଢିବେ ଓ ବିଭିନ୍ନ ପ୍ରକାର ମାନଚିତ୍ର ମଧ୍ୟରେ ଥିବା ସମ୍ବନ୍ଧକୁ ଖୋଜି ବାହାର କରିପାରିବେ । ମାନଚିତ୍ର ଅଧ୍ୟୟନ ଦ୍ୱାରା ଉପୁଜୁଥିବା ଶିକ୍ଷଣକୁ ମାନଚିତ୍ର ଆଧାରିତ ଶିକ୍ଷଣ କୁହାଯାଏ । ପିଲାମାନଙ୍କୁ ମାନଚିତ୍ର ପଠନରେ ସାହାଯ୍ୟ କରିବା ପାଇଁ ମାନଚିତ୍ରର ଉପାଦାନଗୁଡିକୁ ବୁଝିବା ଓ ମାନଚିତ୍ର କୌଶଳଗୁଡିକୁ ବିକଶିତ କରିବା ଅତ୍ୟାବଶ୍ୟକ ଅଟେ ।

**ମାନଚିତ୍ରର ଉପାଦାନ ସମୂହ** – ମାନଚିତ୍ରର ଉପାଦାନଗୁଡ଼ିକ ହେଲା–

**ମାନଚିତ୍ରର ଶୀର୍ଷକ :** ଏହା ମାନଚିତ୍ରର ବିଷୟବସ୍ତୁକୁ ଉପସ୍ଥାପିତ କରେ ଓ ଏହା ମାନଚିତ୍ରର ଶିର୍ଷକ ରୂପେ ଦିଆଯାଏ ।

ଦିଗ ସୂଚକ : ଏହି ଚିତ୍ରଟି ମାନଚିତ୍ରର ଏକ କୋଣରେ ରହେ, ଯାହା ମାନଚିତ୍ରର ଦିଗଗୁଡ଼ିକୁ ସୂଚିତ କରିଥାଏ ।

ମାନଚିତ୍ରର ମାପକ : ଏହା ଏକ ମାପନ ସାଧନୀ ଯାହା ମାନଚିତ୍ର ଓ ଭୂ-ଭାଗର ଆନୁପାତିକ ଦୂରତ୍ୱକୁ ପ୍ରଦର୍ଶିତ କରିଥାଏ । ଏହି ମାପନ ମାନଚିତ୍ରର ଉପର ଅଥବା ତଳ ଭାଗରେ ଦର୍ଶାଯାଇଥାଏ ।

ରଙ୍ଗ ଓ ପ୍ରତୀକ ସମୂହ : ଏହା ମାନଚିତ୍ରଗୁଡ଼ିକରେ ବ୍ୟବହୃତ ହୋଇଥାଏ, ଯାହାର ନିଜସ୍ୱ ଅର୍ଥ ରହିଛି । ସେଗୁଡ଼ିକ ମାନଚିତ୍ରର ଏକ ଭାଗରେ ଦିଆଯାଇଥାଏ, ଯାହାକୁ କିମ୍ବଦନ୍ତୀ କୁହାଯାଏ । ଏହା ଦତ୍ତମାନଚିତ୍ରରେ ରଙ୍ଗ ଓ ସଙ୍କେତ ଏବଂ ଏହାର ଅର୍ଥ ଦିଆଯାଇଥାଏ ।




**ମାନଚିତ୍ର କୌଶଳ:-**

ଆସ ମାନଚିତ୍ର ଅଧ୍ୟୟନ କରିବାର କୌଶଳଗୁଡ଼ିକ ଜାଣିବା । ସେଗୁଡ଼ିକ ହେଲା

କ) ଦିଗ ଗୁଡ଼ିକୁ ନୋଟ୍ କରିବା

ଖ) ମାନଚିତ୍ରର ମାପନ (scale) କୁ ଜାଣିବା ଏବଂ ଦୂରତାକୁ ହିସାବ କରିବା

ଗ) ରଙ୍ଗଗୁଡ଼ିକୁ ଅଧ୍ୟୟନ କରିବା

ଘ) ସଙ୍କେତଗୁଡ଼ିକୁ ଅଧ୍ୟୟନ କରିବା

ଙ) ବିଭିନ୍ନ ମାନଚିତ୍ରଗୁଡ଼ିକୁ ସଂପର୍କିତ କରି ଅନୁମାନ କରିବା

ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉପରୋକ୍ତ କୌଶଳଗୁଡ଼ିକ କିପରି ବିକଶିତ ହୋଇପାରିବ ତାହା ନିମ୍ନୋକ୍ତ ଅନୁଚ୍ଛେଦଗୁଡ଼ିକ ବର୍ଣ୍ଣନାରୁ ସୂକ୍ଷ୍ମରୂପେ ଜାଣିହେବ ।

କ) ଦିଗଗୁଡ଼ିକୁ ନୋଟ କରିବା- ଗୋଟିଏ ମାନଚିତ୍ର, ଏହାର ଦିଗଗୁଡ଼ିକୁ ସମ୍ପର୍କିତ କରି ଅଙ୍କନ କରାଯାଇଥାଏ । ଏହି ମାନଚିତ୍ରଗୁଡ଼ିକର ଉପର ବା ତଳ ଭାଗରେ 'ଦିଗ ସୂଚକ' ତୁମେ ଦେଖିପାରିବ ।

ଟିପ୍ପଣୀ

ଟିପ୍ପଣୀ




ଏହା ପ୍ରଦର୍ଶିତ କରେ ଯେ, ମାନଚିତ୍ରର ଉପରିସ୍ଥ ଭାଗରେ ଉତ୍ତର ଦିଗ ରହିଛି । ଯଦି ଆମେ ଗୋଟିଏ ଦିଗ ବିଷୟରେ ଜାଣି ପାରନ୍ତି, ତେବେ ଅନ୍ୟ ଦିଗଗୁଡ଼ିକୁ ଜାଣିବା ସହଜ ହୋଇପାରିବ ।

ମୁଖ୍ୟତଃ ଦିଗ ଦୁଇ ପ୍ରକାର । ପ୍ରମୁଖଦିଗ (Cardinal Direction) ଏବଂ ମଧ୍ୟସ୍ଥ ଦିଗ (Intermediate Direction) । ମୋଟ ଆଠଟି ମଧ୍ୟରୁ ଚାରୋଟି ପ୍ରମୁଖ ଦିଗ । ସେମାନେ ହେଲେ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ । ଏତଦ୍‌ବ୍ୟତୀତ ଚରୋଟି ମଧ୍ୟସ୍ଥ ଦଗଗୁଡ଼ିକ ହେଲା ଉତ୍ତର ପୂର୍ବ (NE) ଦକ୍ଷିଣ ପୂର୍ବ (SE) ଉତ୍ତର ପଶ୍ଚିମ (NW) ଏବଂ ଦକ୍ଷିଣ ପଶ୍ଚିମ (SW) ।




ଚିତ୍ର ୧ : ପ୍ରମୁଖ ଦିଗ (Cardinal Direction)




ଚିତ୍ର :୨ ମଧ୍ୟସ୍ଥ ଦିଗ ସମୂହ

ଭାରତର ଏକ ରାଜନୈତିକ ମାନଚିତ୍ର ବ୍ୟବହାର କରି ଏହା ସାହାଯ୍ୟରେ ଶିକ୍ଷାର୍ଥୀମାନଙ୍କୁ ଦିଗଗୁଡ଼ିକୁ ଚିହ୍ନଟ କରିବାକୁ କୁହ ।

ଜମ୍ମୁ କାଶ୍ମୀର ଭାରତର ଉତ୍ତରରେ ଅବସ୍ଥିତ ଅଟେ । ତାମିଲନାଡୁ ଦକ୍ଷିଣରେ, ଓଡ଼ିଶା ଦକ୍ଷିଣ ପୂର୍ବରେ । ଏହି କ୍ରମରେ ଶିକ୍ଷାର୍ଥୀମାନଙ୍କୁ ଅନ୍ୟ ଦିଗଗୁଡ଼ିକରେ ଅବସ୍ଥିତି ରାଜ୍ୟଗୁଡ଼ିକୁ ଚିହ୍ନଟ କରିବାକୁ କୁହ ।

ଛାତ୍ରଛାତ୍ରୀମାନେ ଗୋଟିଏ ମାନଚିତ୍ରରେ ଦିଗଗୁଡ଼ିକ ଜାଣିସାରିବା ପରେ ଦିଆଯାଇଥିବା ଗୋଟିଏ ସ୍ଥାନର ଆନୁପାତିକ ଦିଗକୁ କିପରି ଜାଣିବା ସେମାନଙ୍କୁ ପଚାର । ଉଦାହରଣସ୍ୱରୂପ ମଧ୍ୟପ୍ରଦେଶର ପୂର୍ବରେ କେଉଁ ରାଜ୍ୟ ଅବସ୍ଥିତ ଏବଂ ନାଗାଲାଣ୍ଡର ଦକ୍ଷିଣରେ କେଉଁ ରାଜ୍ୟ ଅଛି ?

**ଶିକ୍ଷଣ କାର୍ଯ୍ୟ - ୧୫**

ଅନ୍ୟ ଗୋଟିଏ ମାନଚିତ୍ର ବ୍ୟବହାର କରି ଦିଗ ନିର୍ଣ୍ଣୟ କରିବା ପାଇଁ ଦଶଟି ପ୍ରଶ୍ନ ତିଆରି କର ।

....................................................................................................



ଟିପ୍ପଣୀ

..........................................................................................................................................

..........................................................................................................................................

ମାନଚିତ୍ରର ମାପକ ଏବଂ ଦୂରତାକୁ ମାପିବା:-

ମାନଚିତ୍ରର ମାପକ (ମାନ) ଏକ ମାପନ ଉପକରଣ ଅଟେ । ଏହା ପ୍ରତ୍ୟେକ ମାନଚିତ୍ରରେ ଥାଏ ଓ ପ୍ରତ୍ୟେକ ମାନଚିତ୍ରର ନିଜସ୍ୱ ମାପକ ଅଛି । ଏହା ମାନଚିତ୍ର ଓ ଭୂଭାଗର ଦୂରତାର ଏକ ଅନୁପାତ ଅଟେ । ଉଦାହରଣ ସ୍ୱରୂପ ୧: ୧୦,୦୦୦ ଅର୍ଥ ହେଉଛି, ମାନଚିତ୍ର ଗୋଟିଏ ଏକକ ଭୂଭାଗର ୧୦,୦୦୦ ଏକ ସହ ସମାନ ଅଟେ । ମାନଚିତ୍ର ମାପକ ସାଧାରଣତଃ ତିନୋଟି ଉପାୟରେ ପ୍ରକାଶିତ ହୋଇଥାଏ । ସେଗୁଡ଼ିକ ହେଲା -

ଉକ୍ତି ଆକାରର (Statement Form)୧ ସେମି - ୧୦୦ କି.ମି.

କ୍ଷୁଦ୍ର ଅଂଶର ପ୍ରତିନିଧିତ୍ୱ (Representative Fraction) - ୧:୧୦୦୦୦ ମାଇଲ




ଆଲେଖୀୟ ମାପକ (Graphic on scale)ମାନଚିତ୍ରରେ ପ୍ରଦତ୍ତ ମାନ ସାହାଯ୍ୟରେ ଜଣେ ମାନଚିତ୍ରରେ ଥିବା ଯେକୌଣସି ଦୁଇଟି ସ୍ଥାନ ମଧ୍ୟରେ ଥିବା ଦୂରତା, ନଦୀର ଲମ୍ବ କିମ୍ବା ଏକ ତଟୀୟ ରେଖାର ଦୂରତ୍ୱକୁ ମାପି ପାରିବ ।

ଉଦାହରଣ ସ୍ୱରୂପ-ଭାରତର ଏକ ରାଜନୈତିକ ମାନଚିତ୍ରରେ ଏହାର ମାପକ ଉକ୍ତି ଆକାରରେ ରହିଛି । ୧ ସେମି:୫୦୦ କିମି । ଏହି ମାନଚିତ୍ରରେ ଥିବା (ମୁମ୍ବାଇରୁ ଦିଲ୍ଲୀ) ଦୂରତାକୁ ମାପିବା ପାଇଁ, ଜ୍ୟାମିତି ବକ୍ସରୁ ଏକ ଡିଭାଇଡର ନିଅନ୍ତୁ । ଏହାର ଦୁଇ ମୁନକୁ ମାନଚିତ୍ରରେ ସ୍ଥିତି ମୁମ୍ବାଇ ଓ ଦିଲ୍ଲୀରେ ରଖନ୍ତୁ । ଏହାପରେ ଡିଭାଇଡରଟିକୁ ଉଠାଇ ନେଇ ଏହା ମଧ୍ୟରେ ଥିବା ବ୍ୟବଧାନକୁ ଏକ ମାପକ (scale) ସାହାଯ୍ୟରେ ମାପନ୍ତୁ । ଏହାପରେ ଯେତିକି ମାନଚିତ୍ରର ଦୂରତା ହୋଇଛି ଏହାକୁ ୫୦୦ କିମି ରେ ଗୁଣନ କରି ସିଧାସଳଖ ମୁମ୍ବାଇ ଠାରୁ ଦିଲ୍ଲୀ ମଧ୍ୟରେ ଥିବା ଭୂ-ଭାଗର ଦୂରତାକୁ ଜାଣି ହେବ ।

ଠିକ୍ ସେହିପରି ମାନଚିତ୍ର ମଧ୍ୟରେ ଥିବା ଅଙ୍କାବଙ୍କା ନଈକୁ ମାପବାକୁ ହେଲେ, ଡିଭାଇଡର୍ ବଦଳରେ ଏକ ସୂତା ଖଣ୍ଡକୁ ନିଅ ଏବଂ ମାନଚିତ୍ର ମଧ୍ୟରେ ପ୍ରଦତ୍ତ ନଦୀ ଉପରେ ରଖ । ଶେଷରେ ଏହାକୁ ମାନଚିତ୍ର ଦୂରତାକୁ ସେମିରେ ବଦଳାଇ ପୁଣି ଏହି ଦୂରତାକୁ ମାନଚିତ୍ରରେ ଭୂଭାଗ ପାଇଁ ପ୍ରଦତ୍ତ ଦୂରତାକୁ ଗୁଣନ କରି ନଦୀର ଦୂରତାକୁ ବାହାର କରିପାରିବ ।

ଏଣୁ ଗୋଟିଏ ମାନଚିତ୍ରରେ ଦିଆଯାଇଥିବା ମାପକ ବ୍ୟବହାର କରି ଜମି ବା ଭୂଭାଗର ଦୂରତ୍ୱକୁ ଗୁଣନ ବିଧି ମାଧ୍ୟମରେ ବାହାର କରାଯାଇପାରେ । ଏହା କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିବା ସଙ୍ଗେ ସଙ୍ଗେ ଖାଲି ସମୟରେ ସେମାନେ ବିଭିନ୍ନ ଦଳ ଗଠନ କରି ଖେଳ-ଖେଳରେ ମାନଚିତ୍ର ଓ ଏଟ୍‌ଲାସ୍ ରେ ଥିବା ଭୂ-ଭାଗର ଦୂରତାକୁ ଅତି ସହଜରେ ଜାଣିପାରନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାନଚିତ୍ରର ମାପକ ବ୍ୟବହାର କୌଶଳ ବୃଦ୍ଧି ପାଏ ।

**ଶିକ୍ଷଣ କାର୍ଯ୍ୟ :- ୧୬**

- ତୁମ ପସନ୍ଦର ଯେକୌଣସି ଗୋଟିଏ ମାନଚିତ୍ର ନେଇ ଏହାର ମାପକକୁ ଚିହ୍ନଟ କର । ଏହା ମଧ୍ୟରେ ଯେକୌଣସି ଦୁଇଟି ସ୍ଥାନର ଦୂରତାକୁ ମାପ ।
- ଗୋଟିଏ ନଦୀର ଯେକୌଣସି ଗୋଟିଏ ଭାଗର ଦୂରତାକୁ ମାପ ।

ଟିପ୍ପଣୀ

**ରଙ୍ଗ ସମୂହର ଅଧ୍ୟୟନ କରିବା** (Reading colours)

ବିଷୟବସ୍ତୁ ବା ପ୍ରକୃତିକୁ ନେଇ ମାନଚିତ୍ରର ବ୍ୟବହାର କରାଯାଉଥିବା ରଙ୍ଗ ଗୁଡ଼ିକର ବିଭିନ୍ନ ଅର୍ଥ ଥାଏ । ଯଦି ଏହା ଏକ ରାଜନୈତିକ ମାନଚିତ୍ର ହୋଇଥାଏ, ତେବେ ରଙ୍ଗଗୁଡ଼ିକ ବିଭିନ୍ନ ରାଜନୈତିକ ଏକକ ଗୁଡ଼ିକୁ ସୂଚିତ କରିଥାଏ । ଯଦି ଏହା ଗୋଟିଏ ଭୌତିକ ମାନଚିତ୍ର ହୋଇଥାଏ, ତେବେ ସମୁଦ୍ର ପତନଠାରୁ ଉଚ୍ଚରେ ଥିବା ସ୍ଥାନ ଓ ଜଳରାଶିର ଗଭୀରତାକୁ ଜଣାଇବା ପାଇଁ ରଙ୍ଗର ବ୍ୟବହାର କରାଯାଇଥାଏ । ଭୌତିକ ମାନଚିତ୍ର ଗୁଡ଼ିକରେ ବ୍ୟବହୃତ କିଛି ରଙ୍ଗଗୁଡ଼ିକର ଅର୍ଥ ବିଶ୍ୱସ୍ତରରେ ଗ୍ରହଣଯୋଗ୍ୟ ହୋଇଛି । ଉଦାହରଣସ୍ୱରୁପ- ହାଲ୍‌କା ବା ଫିକା ସବୁଜ ରଙ୍ଗ ତଳୁଆ ଭୂଭାଗକୁ ଦର୍ଶାଉଥିବା ବେଳେ ଗଭୀର ସବୁଜ ରଙ୍ଗ, ସମୁଦ୍ର ପତ୍ତନଠାରୁ ତଳିଆ ଭାଗରେ ସ୍ଥିତ ଉଚ୍ଚ ସ୍ଥାନକୁ ଦର୍ଶାଇଥାଏ ।

ବର୍ତ୍ତମାନ ଆମେ ଦେଖିବା ଯେ, କିଭଳି ଭାବେ ଆମେ ଉଚ୍ଚ ସ୍ଥାନ ଓ ଜଳରାଶି ଗୁଡ଼ିକର ଉଚ୍ଚତାକୁ ବୁଝିପାରିବା । ଏହାକୁ ବୁଝିବା ପାଇଁ ମାନଚିତ୍ରରେ ବ୍ୟବହୃତ ଏକ ଉପାଦାନ ଯାହାର ନାମ ନିର୍ଦ୍ଦେଶିକା/ସୂଚୀ (legend) । ଏହା ଚାବି ବା ସୂଚୀକ୍ରମ ଭାବେ ଜଣା ଅଟେ । ଏହି ନିର୍ଦ୍ଦେଶିକା ସୂଚୀରେ ପ୍ରତ୍ୟେକ ମାନଚିତ୍ରରେ ବ୍ୟବହାର ହେଉଥିବା ରଙ୍ଗଗୁଡ଼ିକୁ ପ୍ରଦର୍ଶିତ କରାଯାଇଥାଏ । ଏହି ନିର୍ଦ୍ଦେଶିକା ଆୟତାକାର ଆକାରର ଏକ ବାକ୍ସ ମାନଚିତ୍ରରେ ଦିଆଯାଇଥାଏ । ଯେଉଁଠି ବିଭିନ୍ନ ରଙ୍ଗର ଛୋଟଛୋଟ ରଙ୍ଗ ପେଟୀ ବା ବାକ୍ସ ଦର୍ଶାଯାଇଥାଏ । ବ୍ୟବହୃତ ଛୋଟ ରଙ୍ଗ ପେଟୀକା ନିର୍ଦ୍ଦିଷ୍ଟ ଉଚ୍ଚତାର ସୀମା ବା ଗଭୀରତାକୁ ପ୍ରଦର୍ଶିତ କରିଥାଏ ।

ଏହି ନିର୍ଦ୍ଦେଶିକା (legend) କୁ ଅଧ୍ୟୟନ କରି ଜଣେ ବ୍ୟକ୍ତି ମାନଚିତ୍ର ମଧ୍ୟରେ ଦିଆଯାଇଥିବା ରଙ୍ଗକୁ ସହଜରେ ବୁଝିପାରିବା ସହ ଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ମାନଚିତ୍ର ଗୁଡ଼ିକୁ ବ୍ୟବହାର କରି ସେଥିରେ ଥିବା ରଙ୍ଗଗୁଡ଼ିକୁ ଅଧ୍ୟୟନ କରିବାର ଦକ୍ଷତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ ।

**ଶିକ୍ଷଣ କାର୍ଯ୍ୟ - ୧୭**

ଭାରତର ଗୋଟିଏ ଭୌତିକ ମାନଚିତ୍ରରେ ନିଜର ରାଜ୍ୟ ସହ ଦୁଇଟି ପଡୋଶୀ ରାଜ୍ୟମାନଙ୍କୁ ଚିହ୍ନଟ କର । ଏହି ଦୁଇଟି ରାଜ୍ୟରେ ବ୍ୟବହୃତ ବିଭିନ୍ନ ରଙ୍ଗଗୁଡ଼ିକୁ ଅନୁଧ୍ୟାନ କର । ଏଥିରେ ପ୍ରତ୍ୟେକ ରାଜ୍ୟ ଗୁଡ଼ିକର ଉଚ୍ଚତାର ସୀମା ଗୁଡ଼ିକ କଣ ?

..........................................................................................................

..........................................................................................

**ମାନଚିତ୍ର ସଙ୍କେତ / ପ୍ରତୀକଗୁଡିକର ଅଧ୍ୟୟନ କରିବା**

ସମସ୍ତ ମାନଚିତ୍ରରେ ପୃଥିବୀର ଏକ ବା ଏକାଧିକ ସୂଚନା ରହିଥାଏ । ଏଗୁଡିକ ବିଭିନ୍ନ ଆକାରରେ ବିଭିନ୍ନ ମାନଚିତ୍ରରେ ପ୍ରଦର୍ଶିତ ହୋଇଥାଏ । ଏହି ସୂଚନା ଗୁଡ଼ିକ ରଙ୍ଗ ହେଉ ବା ସାଙ୍କେତିକ ଚିହ୍ନ, ଯେଉଁଠି ଉପଯୁକ୍ତ ତାହା ଦ୍ୱାରା ସୂଚିତ କରାଯାଇଥାଏ । ରଙ୍ଗଗୁଡ଼ିକୁ ମାନଚିତ୍ରରେ କିଭଳି ଭାବେ ଅଧ୍ୟୟନ କରାଯାଇଥାଏ, ତାହା ତୁମେମାନେ ପଢ଼ିଲ । ବର୍ତ୍ତମାନ ଆସ ସାଙ୍କେତିକ ଚିହ୍ନଗୁଡ଼ିକୁ ବୁଝିବା । ଏହି ସଙ୍କେତଗୁଡିକ ଯେକୌଣସି ଅକ୍ଷର/ ଚିତ୍ର ରୂପରେ ମଧ୍ୟ ରହିପାରେ । ଏହି ସାଙ୍କେତିକ ଚିହ୍ନଗୁଡ଼ିକ ପୃଥ୍ୱୀ ପୃଷ୍ଠରେ ଥିବା ସମ୍ବଳଗୁଡ଼ିକୁ ପ୍ରତିନିଧିତ୍ୱ କରନ୍ତି । ଯେତେବେଳେ ତୁମେ ଏହି ସଙ୍କେତଗୁଡିକୁ ବୁଝିବାରେ ସକ୍ଷମ ହୋଇପାରିବ, ସେତେବେଳେ ତୁମେ ମାନଚିତ୍ରରୁ ସୂଚନାଗୁଡିକୁ ପାଇପାରିବ । ଅନ୍ୟ ଅର୍ଥରେ ଏହା କୁହାଯାଇପାରେ ଯେ, ମାନଚିତ୍ରଗୁଡ଼ିକରେ ବ୍ୟବହୃତ ହୋଇଥିବା ଚିହ୍ନଗୁଡ଼ିକୁ ଅଧ୍ୟୟନ କରିବାରେ ତୁମେ ସକ୍ଷମ ହୋଇପାରିବ ।

ମାନଚିତ୍ରରେ ବ୍ୟବହୃତ ସାଙ୍କେତିକ ଚିହ୍ନଗୁଡ଼ିକର ଅର୍ଥ ଆମ୍ଭେ କିପରି ବାହାର କରିପାରିବା ? ଏହା ମଧ୍ୟ ସେହିଭଳି, ଯେପରି ମାନଚିତ୍ରରେ ଥିବା ନିର୍ଦ୍ଦେଶିକା (legend)ସୂଚୀକୁ ବ୍ୟବହାର କରି ମାନଚିତ୍ରରେ ଥିବା ରଙ୍ଗକୁ ଅଧ୍ୟୟନ କର । ମାତ୍ର ବର୍ତ୍ତମାନ ମାନଚିତ୍ରର ସୂଚୀରେ ରଙ୍ଗ ଅଧ୍ୟୟନ ପରିବର୍ତ୍ତେ କେବଳ ସାଙ୍କେତିକ ଚିହ୍ନକୁ ଅଧ୍ୟୟନ କରିବା ଆବଶ୍ୟକ ଅଟେ । (ସାଙ୍କେତିକ ନିର୍ଦ୍ଦେଶିକା/ସୂଚୀର ନମୂନା –ଏହା ପାରଂପରିକ ବା ଅଣ ପାରଂପରିକ ଦେବାକୁ ହେବ ।

ଟିପ୍ପଣୀ

ସାଙ୍କେତିକ ଚିହ୍ନ ମୁଖ୍ୟତଃ ଦୁଇ ପ୍ରକାରର । ଯଥା – ପାରଂପରିକ ଓ ଅଣ ପାରଂପରିକ । ପାରଂପରିକ ସଙ୍କେତ ଗୁଡ଼ିକ ସାର୍ବଜନିନ ରୂପେ ଗ୍ରହଣ କରାଯାଏ, ଯାହା ବହୁତ ଦିନ ତଳୁ ବ୍ୟବହୃତ ହୋଇ ଆସୁଛି । ଅଣ ପାରଂପରିକ ସଙ୍କେତ ଗୁଡ଼ିକ ମାନଚିତ୍ର ନିର୍ମାତାମାନଙ୍କ ପସନ୍ଦ ଅନୁସାରେ ବ୍ୟବହାର ହୋଇଥାଏ । ଯଦି ତୁମେମାନେ ଥରେ ମାନଚିତ୍ରରେ ବ୍ୟବହୃତ ରଙ୍ଗ ଓ ସଙ୍କେତ ଗୁଡ଼ିକର ଅଧ୍ୟୟନ କୌଶଳ ବିକାଶ କରିପାରିଲ, ତେବେ ମାନଚିତ୍ରକୁ ଭଲଭାବେ ବୁଝିବା ସ୍ଥିତିରେ ତୁମେ ରହିପାରିବ ।

**ଶିକ୍ଷଣ କାର୍ଯ୍ୟ – ୧୮**

କଳ୍ପନା କର ଯେ ତୁମେ ଜଣେ ମାନଚିତ୍ର ନିର୍ମାତା । ଭାରତର ଯେକୌଣସି ପାଞ୍ଚଟି ରାଜ୍ୟରେ, ଗୋଟିଏ ଲେଖାଏଁ କୀର୍ତ୍ତିରାଜି ଦର୍ଶାଇ ତୁମକୁ ଗୋଟିଏ ମାନଚିତ୍ର ପ୍ରସ୍ତୁତ କରିବାକୁ କୁହାଯାଇଛି । ସେଥିରେ କେଉଁ ପ୍ରକାରର ପ୍ରତୀକ ତୁମେ ବ୍ୟବହାର କରିବ ? ଏକ ସୂଚି / ନିର୍ଦ୍ଦେଶିକା (legend) ପ୍ରସ୍ତୁତ କର ।

......................................................................................................................

......................................................................................................................

**ବିଭିନ୍ନ ମାନଚିତ୍ରକୁ ସମ୍ପର୍କିତ କରି ଅନୁମାନ କରିବା**

ତୁମେ ମାନଚିତ୍ରରେ ଦିଗଗୁଡ଼ିକୁ ଜାଣିବା, ମାନଚିତ୍ରର ମାପକକୁ ଚିହ୍ନିବା ଏବଂ ଏଥିରେ ଥିବା ଦୂରତାକୁ ଗୁଣନ କରିବାରେ ଏବଂ ମାନଚିତ୍ରରେ ବ୍ୟବହୃତ ସଙ୍କେତ ଓ ରଙ୍ଗଗୁଡ଼ିକର ଅଧ୍ୟୟନ କରିବା ଆଦି ଜାଣିବା ପରେ ଏସବୁ ବିଷୟରେ ଅନୁମାନ ଲଗାଇବା ଅତ୍ୟନ୍ତ ସହଜ ହୋଇଯାଏ । ସର୍ବପ୍ରଥମେ ଜାଣିବା ଯେ ପ୍ରକୃତରେ ଅନୁମାନ କ'ଣ ? ଏହା ପାଖରେ ଥିବା ତଥ୍ୟାବଳୀ, ପର୍ଯ୍ୟବେକ୍ଷଣ ଏବଂ ତଥ୍ୟଗୁଡ଼ିକର ବିଚାର କରି ଶେଷ ନିଷ୍ପତ୍ତିରେ ବା ସିଦ୍ଧାନ୍ତରେ ଉପନୀତ ହେବାକୁ ଅନୁମାନ କୁହାଯାଏ । ଏହା ପରୋକ୍ଷରେ ଜଣାଇ ଦିଏ ଯେ, କିଛି ନା କିଛି ସତ୍ୟତା ଏଥିରେ ରହିଛି ।

ଶେଷ ନିଷ୍ପତ୍ତିରେ ଉପନୀତ ହେବା ପାଇଁ ମାନଚିତ୍ର ଗୁଡ଼ିକରୁ ସୂଚନା ସଂଗ୍ରହ କରିବା ସମ୍ଭବ କି ? ଯଦି ଭାରତରେ କଫି ଚାଷର ବୃଦ୍ଧି ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଭାରତର ଫସଲ ମାନଚିତ୍ରକୁ ନିଅ । ଏଥିରେ ନିର୍ଦ୍ଦେଶିକା(legend) ରୁ ଅନୁମାନ ଲଗାଅ ଯେ କେଉଁ କେଉଁ ସ୍ଥାନରେ କଫି ଚାଷ ହୋଇପାରୁଛି । ଭାରତର ଭୌତିକ ମାନଚିତ୍ରଟିଏ ନେଇ କଫି ଉପାଦିତ ହେଉଥିବା ଭୂମିରୂପକୁ ଚିହ୍ନଟ କର । ପର୍ଯ୍ୟବେକ୍ଷଣ ଆଧାରରେ କେଉଁ ଭୂମିରୂପ କଫିଚାଷ ପାଇଁ ଆବଶ୍ୟକ ସାଧାରଣ ଭାବେ ତାହା ଚିହ୍ନଟ କରିବାରେ ତୁମେ ସକ୍ଷମ ହେବ କି ? ତୁମେ ନିଶ୍ଚିତ ଭାବେ କହିପାରିବ ଯେ ଏହା ଉଚ୍ଚଭୂମି ଆବଶ୍ୟକ କରେ । ତୁମେ ମଧ୍ୟ କହିପାରିବ ଭୂମି ଉଚ୍ଚତାର ସ୍ତର, ଜଳବାୟୁ ମାନଚିତ୍ର, ମୃତ୍ତିକା ମାନଚିତ୍ର, ଜନସଂଖ୍ୟା ମାନଚିତ୍ର ଇତ୍ୟାଦିକୁ ଦେଖ ଏବଂ ଏହି ସ୍ଥାନମାନଙ୍କରେ କଫି ଉତ୍ପାଦନ ପାଇଁ ସହାୟକ ସ୍ଥିତିଗୁଡ଼ିକୁ ଖୋଜିବାହାର କର । ଗୋଟିଏ ମାନଚିତ୍ର ପର୍ଯ୍ୟବେକ୍ଷଣ ବା ଏକାଧିକ ମାନଚିତ୍ରର ବିବିଧ ପର୍ଯ୍ୟବେକ୍ଷଣ ଆଧାର କରି ତୁମେ ଅନୁମାନ କରପାରିବ ।

**ଶିକ୍ଷଣ କାର୍ଯ୍ୟ – ୧୯**

ଯେକୌଣସି ଗୋଟିଏ ଅନୁମାନ ପ୍ରସ୍ତୁତ କର, ଏବଂ ତୁମେ କିପରି ମାନଚିତ୍ରକୁ ଆଧାର କରି ସେହି ଅନୁମାନକୁ ପିଲାମାନଙ୍କୁ ଶିକ୍ଷା ଦେବ ଲେଖ, ଏକ ଅନୁକ୍ରମରେ ବର୍ଣ୍ଣନା କର ।

......................................................................................................................

......................................................................................................................

ଗୋଟିଏ ଅଧ୍ୟାୟ ପଢ଼ାଇବା ସମୟରେ ଏକାଧିକ ପ୍ରଣାଳୀ ବ୍ୟବହାର କରି ଶିକ୍ଷାଦାନ କରବା, ଜଣେ ଶିକ୍ଷକ ପାଖେ ସମ୍ଭବ ଥାଏ । ତେବେ ନିମ୍ନୋକ୍ତ ସାରଣୀ ଭୂଗୋଳ ପାଠ୍ୟପୁସ୍ତକ, ସପ୍ତମ ଶ୍ରେଣୀ (NCERT 2007) ରେ ଥିବା ଏକ ଅଧ୍ୟାୟର ବିଶ୍ଳେଷଣକୁ ପ୍ରଦର୍ଶିତ କରିଛି ।

ଟିପ୍ପଣୀ

ଅଧ୍ୟାୟ ନଂ-୬ ପ୍ରାକୃତିକ ଉଦ୍ଭିଦ ରାଜୀ ଓ ବନ୍ୟଜନ୍ତୁ

| ପ୍ରସଙ୍ଗ ବିଶ୍ଳେଷଣ | ଉଦ୍ଦେଶ୍ୟ | କୌଶଳ ସମୂହ |
|---|---|---|
| ପ୍ରାକୃତିକ ଉଦ୍ଭିଦରାଜୀର ଅର୍ଥ | "ପ୍ରାକୃତିକ ଉଦ୍ଭିଦରାଜୀ ପଦଟିର" ଅର୍ଥ ବର୍ଣ୍ଣନା କର | ଆଖ୍ୟାଟିର ଅର୍ଥ ବିଶ୍ଳେଷଣ / ଆଲୋଚନା |
| ପ୍ରାକୃତିକ ବନସ୍ପତିକୁ ପ୍ରଭାବିତ କରୁଥିବା ଉପାଦାନ | ପ୍ରାକୃତିକ ଉଦ୍ଭିଦରାଜୀକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡ଼ିକ ଚିହ୍ନଟ | ମାନଚିତ୍ର ଆଧାରିତ ଶିକ୍ଷଣ |
| ପ୍ରାକୃତିକ ଉଦ୍ଭିଦରାଜୀର ଶ୍ରେଣୀ ବିଭାଗ | ଉଦ୍ଭିଦରାଜୀକୁ ଜଙ୍ଗଲ, ତୃଣଭୂମି ଓ ବୁଦାରେ ଶ୍ରେଣୀଭୁକ୍ତ କର | ସହଯୋଗୀ ଶିକ୍ଷଣ |
| ପ୍ରାକୃତିକ ଉଦ୍ଭିଦରାଜୀର ପ୍ରକାର | ବିଭିନ୍ନ ପ୍ରକାର ଜଙ୍ଗଲର ସ୍ଥାନ | ମାନଚିତ୍ର ଆଧାରିତ ଶିକ୍ଷଣ |
| -ସ୍ଥାନ | ଚିହ୍ନଟ କର । | |
| -ଜଳବାୟୁ | ଜଳବାୟୁ ଓ ପ୍ରାକୃତିକ ଉଦ୍ଭିଦରାଜୀ ମଧ୍ୟରେ ସଂପର୍କକୁ ଖୋଜି ବାହାରକର | |
| -ଗଛ | ବିଭିନ୍ନ ପ୍ରକାର ଜଙ୍ଗଲ ଗୁଡ଼ିକର ବୈଶିଷ୍ଟ୍ୟ ଗୁଡ଼ିକୁ ବର୍ଣ୍ଣନା କର । | ପ୍ରକଳ୍ପ ପଦ୍ଧତି ପ୍ରତ୍ୟୟ ଚିତ୍ରଣ |
| -ବନ୍ୟଜନ୍ତୁ | ପ୍ରତ୍ୟେକ ଜଙ୍ଗଲର ବନ୍ୟଜନ୍ତୁମାନଙ୍କ ବିଷୟରେ ବର୍ଣ୍ଣନା କର । | ଭୂମିକା ଅଭିନୟ |
| -ଜଙ୍ଗଲକ୍ଷୟ | ଜଙ୍ଗଲକ୍ଷୟର କୁପ୍ରଭାବ ଗୁଡ଼ିକୁ ବର୍ଣ୍ଣନା କରିବା | ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ |

**ନିଜ ଅଗ୍ରଗତି ଆକଳନ- ୧୧**

୧. ଦକ୍ଷିଣ ଓ ପଶ୍ଚିମ ମଧ୍ୟରେ କେଉଁଦିଗ ଅବସ୍ଥିତ ?

-------------------------------------------------------------------

-------------------------------------------------------------------

୨. ସକିମ୍‌ର କେଉଁ ଦିଗରେ ପଶ୍ଚିମବଙ୍ଗ ଅବସ୍ଥିତ ?

-------------------------------------------------------------------

-------------------------------------------------------------------

୩. ମାନଚିତ୍ର ମାପକମାନ କହିଲେ କ'ଣ ବୁଝ ?

-------------------------------------------------------------------

-------------------------------------------------------------------

୪. ତିନି ପ୍ରକାର ମାନଚିତ୍ର ମାପକର ନାମ ଲେଖ ।

-------------------------------------------------------------------

-------------------------------------------------------------------

୫. ଆମେ ମାନଚିତ୍ର ମାପକ ବ୍ୟବହାରର ଦକ୍ଷତାକୁ କାହିଁକି ବିକାଶ କରିବା ?

-------------------------------------------------------------------

-------------------------------------------------------------------

୬. ରାଜନୈତିକ ମାନଚିତ୍ରରେ ରଙ୍ଗ କ'ଣ ପାଇଁ ପ୍ରତିନିଧିତ୍ୱ କରେ ?

୭. ରଙ୍ଗର କିମ୍ବଦନ୍ତି କ'ଣ ସୂଚିତ କରେ ?

୮. ମାନଚିତ୍ରରେ ସଂକେତ କ'ଣ ପ୍ରତିନିଧିତ୍ୱ କରେ ?

୯. ଦୁଇ ପ୍ରକାର ସଂକେତ କ'ଣ ?

୧୦. ମାନଚିତ୍ରରେ ତୁମକୁ ସଂକେତଗୁଡ଼ିକୁ ପଢିବାରେ କ'ଣ ସାହାଯ୍ୟ କରେ ?

୧୧. ଅନୁମାନ କହିଲେ ତୁମ କ'ଣ ବୁଝୁଛ ?

୧୨. କେଉଁ ମାନଚିତ୍ର ଦକ୍ଷତା ଅନୁମାନ କରିବା ପାଇଁ ଆବଶ୍ୟକ ?

## ୭.୫ ସାରାଂଶ

- ବର୍ତ୍ତମାନ ତୁମେ ବିଭିନ୍ନ ପ୍ରକାର ପଦ୍ଧତିଗୁଡ଼ିକ ଶିଖିଲ, ଯାହାକୁ ପ୍ରୟୋଗ କରି ତୁମେ ଶିକ୍ଷାର୍ଥୀମାନଙ୍କ ପାଇଁ ଶ୍ରେଣୀ ଗୃହକୁ ଆନନ୍ଦଦାୟୀ କରିପାରିବ । ଶ୍ରେଣୀକୁ ବିବିଧତା ଆଣିବା ସର୍ବଦା ନୀରସତାକୁ ଦୂରେଇ ଦିଏ ।
- ତେଣୁକରି ଏକ ବା ଏକାଧିକ ପଦ୍ଧତି ଚୟନ କର ଏକ ଶିକ୍ଷଣ କୌଶଳର ବିକାଶ କର ଏବଂ ଶିକ୍ଷାର୍ଥୀମାନଙ୍କ ପାଇଁ ତୁମେ ଶ୍ରେଣୀଗୃହକୁ ଜୀବନ୍ତ ଓ ଫଳପ୍ରଦ କର ।
- ଯଦି ଆମେ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ଚାହୁଁ ତେବେ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣକୁ ଆମେ ଅନୁସରଣ କରିବା ଦରକାର ବା ଅନ୍ୟ ଯେକୌଣସି ପଦ୍ଧତି ତୁମ ନଜରକୁ ଆସିପାରେ । ଆଶା ତୁମେ ଉତ୍ତମ ରୂପେ ପ୍ରସ୍ତୁତି କରିବ ଏବଂ ସାମାଜିକ ବିଜ୍ଞାନ ଶ୍ରେଣୀକୁ ଜୀବନ୍ତ କରିପାରିବ ।

## ୭.୬ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Kochhar, S.K. (1991) ସାମାଜିକ ପାଠଶିକ୍ଷଣ, New Delhi, Sterling publish Pvt ltd.
- Kochhar, S.K. ଶିକ୍ଷଣ ପଦ୍ଧତି ଓ କୌଶଳ, Online book
- Kohli, A.S. (1991) ସାମାଜିକ ପାଠ ଶିକ୍ଷଣ, New Delhi Anmol ପ୍ରକାଶନ
- Kalkurni, S.P (2009) କେରଳରେ ମାଧ୍ୟମିକ ସ୍ତରରେ ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦାନ ନିମନ୍ତେ ସମ୍ବଳ ସାମଗ୍ରୀ । ମହୀଶୂର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ।
- NCERT(2005) ଜାତୀୟ ପାଠ୍ୟକ୍ରମ ଆଧାର New Delhi

ଟିପ୍ପଣୀ


- NCERT (2006) କାଗଜ ସ୍ଥିତି ସାମାଜିକ ବିଜ୍ଞାନ ଶିକ୍ଷଣ ପାଇଁ ଜାତୀୟ କେନ୍ଦ୍ରିୟ ଦଳ ।
- Sharma, S (2006) ଶିକ୍ଷଣ ଶିକ୍ଷାଦାନ ପାଇଁ ସଂଗଠନ ବାଦ ପନ୍ଥା New Delhi, NCERT
- Shaidu, B.D and Shaida A.K. (2003) ସାମାଜିକ ପାଠ ଶିକ୍ଷଣ New Delhi, Arya Bool, Depot
- Verma, O.P and vedanayagam E.G. (1988) ଭୂଗୋଳ ଶିକ୍ଷାଦାନ New Delhi : Sterling publishers pvt. ltd.


## ୭.୭. ପାଠାନ୍ତ ପ୍ରଶ୍ନାବଳୀ

ଏହି ଏକକକୁ ଆଧାରକରି ତୁମ ପାଇଁ କିଛି ପ୍ରଶ୍ନ ତଳେ ଦିଆଯାଇଛି । ଆଶା କରେ ତୁମେ ତାର ଉପଯୁକ୍ତ ଉତ୍ତର ଦେବାରେ ସକ୍ଷମ ହେବ ।

କ) ସାମାଜିକ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଶିକ୍ଷାର୍ଥୀମାନଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଖ) ଏକ ସାମାଜିକ ବିଜ୍ଞାନ ଶ୍ରେଣୀରେ ଆଶା କରାଯାଉଥିବା ଯେକୌଣସି ୪ଟି ବୈଶିଷ୍ଟ୍ୟ ଆଲୋଚନା କର ।

ଗ) ତୁମେ କେଉଁ ଆଧାରରେ ଶିକ୍ଷାଦାନ ପାଇଁ ଏକ କୌଶଳ ଚୟନ କର ?

ଘ) ଭୂମିକା ଅଭିନୟ ଓ ନାଟକାଭିନୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ଙ) ତୁମେ କାହିଁକି ପ୍ରକଳ୍ପ ପଦ୍ଧତିକୁ ଶିକ୍ଷାର୍ଥୀ କୈନ୍ଦ୍ରିକ ବୋଲି ବିଚାର କର ?

ଚ) ସହଯୋଗୀ ଶିକ୍ଷଣ ମାଧ୍ୟମରେ ତୁମେ କିପରି ଏକ ପ୍ରତ୍ୟୟର ଶିକ୍ଷାଦାନ ଦେବ ଦୃଷ୍ଟାନ୍ତ ସହ ବୁଝାଅ ?

ଛ) ଏକ ପ୍ରତ୍ୟୟ ଚିତ୍ରଣର ପ୍ରସ୍ତୁତିରେ ଅନ୍ତର୍ଭୁକ୍ତ ସୋପାନଗୁଡ଼ିକ ଲେଖ ?

ଜ) ନିର୍ଣ୍ଣାୟକ ଶିକ୍ଷା ବିଜ୍ଞାନ ବ୍ୟବହାର କରିବା ପାଇଁ ଏକ ଯୋଜନା ଲେଖ ?

ଝ) ତୁମେ କିଭଳି ସମସ୍ୟା ସମାଧାନ ପଦ୍ଧତିକୁ ଗ୍ରହଣ କରିବ ?

ଞ) ଏକ ପ୍ରସଙ୍ଗ ଚୟନ କର ଏବଂ ତୁମେ ସେହି ପ୍ରସଙ୍ଗକୁ କିପରି ଅନୁଭୂତି ଆଧାରିତ ଶିକ୍ଷଣ ମାଧ୍ୟମରେ ଶିକ୍ଷାର୍ଥୀକୁ ଶିକ୍ଷାଦାନ କରିବା ପାଇଁ ପ୍ରୟାସ କରିବ ଲେଖ ।

ଟ) ସାମାଜିକ ବିଜ୍ଞାନର ଅଂଶ ଭାବେ ଇତିହାସକୁ ଶିକ୍ଷାଦାନ କରିବା ପାଇଁ ତୁମେ କିଭଳି ଗଳ୍ପକଥନ ପଦ୍ଧତିର ପ୍ରୟୋଗ କରିବ ଏକ ଉଦାହରଣ ମାଧ୍ୟମରେ ଦର୍ଶାଅ ?

ଠ) କ୍ଷେତ୍ର ପରିଭ୍ରମଣର ଉପକାରିତାଗୁଡ଼ିକ କଣ କଣ ?

ଡ) ଆଲୋଚନା ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କର ଭୂମିକା କଣ ବର୍ଣ୍ଣନା କର ?

ଢ) ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମାନଚିତ୍ର ପଠନର ଦକ୍ଷତାକୁ ବିକାଶ କରିବା କାହିଁକି ଆବଶ୍ୟକ ?

ଣ) ମାନଚିତ୍ର ବ୍ୟବହାର ସମୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନୁମାନ କରିବାର ଦକ୍ଷତାକୁ କିପରି ବିକାଶ କରିପାରିବ ଦର୍ଶାଅ ?